# ଦର୍ଶକଙ୍କୁ ବାନ୍ଧି ରଖିଲା ସ୍ଥାନୀୟ କଳାକାରଙ୍କ ନାଚ ଗୀତ


ନବରଙ୍ଗପୁର ସଂସ୍କୃତି ପରିଷଦର ଓଡ଼ିଶୀ ନୃତ୍ୟ।


ଜିଲାପାଳ କଳାକାରଙ୍କ ସହ ମିଶି ମଞ୍ଚରେ ନାଚୁଛନ୍ତି।



ନବରଙ୍ଗପୁର ବ୍ଲକ ବାସିନୀ ଗ୍ରାମ ବିଦ୍ୟାଳୟ ଓ ଉମରକୋଟର କଳାକାରମାନେ ଢେମ୍‌ସା ନୃତ୍ୟ ପରିବେଷଣ କରୁଛନ୍ତି।

**ନବରଙ୍ଗପୁର, ୧୩।୧୨(ବି.ପ୍ର.)**

ଲୋକ ମହୋତ୍ସବ ମଣ୍ଡେଇ ଉପଲକ୍ଷେ ଚାଲିଥିବା ପଲ୍ଲୀଶ୍ରୀ ମେଳାର ଚତୁର୍ଥ ଦିନରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ସ୍ୱାଗତ ସଙ୍ଗୀତରୁ ଆରମ୍ଭ ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନବରଙ୍ଗପୁର ଜଗନ୍ନାଥ କଳା କେନ୍ଦ୍ରର ଓଡିଶୀ ନୃତ୍ୟ , ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ବେଲ ଗାଁର ଆଦିବାସୀ ନୃତ୍ୟ, ଉମରକୋଟ ପୌର ପରିଷଦର ଭାରତୀ କଳା କେନ୍ଦ୍ରର ଢେମ୍‌ସା, ଉମରକୋଟ ବ୍ଲକ୍‌ରଢେମସା, ନବରଙ୍ଗପୁର ବ୍ଲକ ବାସିନୀ ଗ୍ରାମ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଢେମ୍‌ସା ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଏହା ମୋର ପ୍ରଥମ ମଣ୍ଡେଇ। ନବରଙ୍ଗପୁର ମଣ୍ଡେଇ ଏତେ ସୁନ୍ଦର ବୋଲି କେବେ ଭାବି ନ ଥିଲି। ସବୁଠି ଦର୍ଶକଙ୍କ ଭିଡ଼। ଏହାଛଡ଼ା ପଲ୍ଲିଶ୍ରୀ ମେଳାର ପ୍ରତ୍ୟେକ ଷ୍ଟଲରେ ଲୋକ ଭରପୁର। ଏସବୁ ଦେଖି ମୁଁ ବହୁତ ଖୁସି ବୋଲି ଜିଲାପାଳ ଡଃ କମଳ ଲୋଚନ ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି। ଏହି ଅବସରରେ ଜିଲାପାଳ କଳାକାରଙ୍କ ସହ ମିଶି ମଞ୍ଚରେ ନାଚିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉପଜିଲାପାଳ ପ୍ରଶାନ୍ତ ରାଉତ, ନବରଙ୍ଗପୁର ଡିଏସ୍‌ପି ଚନ୍ଦ୍ରଶେଖର ହୋତା, ଡିଏସପି(କ୍ରାଇମ) ଯୁଗଳ କିଶୋର ମଲ୍ଲିକ, ନବରଙ୍ଗପୁର ପିଡବ୍ଲୁଡି ଅଧିକ୍ଷଣ ଯନ୍ତ୍ରୀ ପ୍ରଫୁଲ୍ଲ ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର , ଡିଆଇପିଆର୍‌ଓ ହଳଧର ନୀଆଲ୍, ନବରଙ୍ଗପୁର ତହସିଲଦାର ରବୀନ୍ଦ୍ର ରାଉତ, ଜିଲା କ୍ରୀଡ଼ାଧିକାରୀ ମହେନ୍ଦ୍ର କୁମାର ସାହୁ , ଜିଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ ପ୍ରମୁଖଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ୩ ଦିନରେ ପଲ୍ଲିଶ୍ରୀ ମେଳାରେ ୨କୋଟି ୨୫ ଲକ୍ଷ ଟଙ୍କା ବ୍ୟବସାୟ ହୋଇଥିବା ସୂଚନା ମିଳିଛି।

■ ଲୋକମହୋତ୍ସବ ମଣ୍ଡେଇର ପଲ୍ଲିଶ୍ରୀ ମେଳା
■ ୩ ଦିନରେ ୨ କୋଟି ୨୫ ଲକ୍ଷ ବ୍ୟବସାୟ

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ଡାବୁଗାଁ, ୧୩।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଚିକିଲି ଗ୍ରାମରେ ସୋମବାର ଜଣେ ଯୁବକ ଛୁରିରେ ବେକ କାଟି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ନେପାଳ ମାଲୀ (୩୨)। ସୋମବାର ଚିକିଲି ଗ୍ରାମରେ ଏକ ଦଶାହ କାର୍ଯ୍ୟ ଚାଲିଥିଲା। ଏହି ସମୟରେ ଗ୍ରାମର ପ୍ରାୟ ଲୋକ ଉକ୍ତ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ନେପାଳ ଅପରାହ୍ନ ପ୍ରାୟ ୩.୩୦ରେ ଏକ ଛୁରିରେ ନିଜ ବେକ କାଟି ଘର ବାହାରକୁ ଆସି ଅନ୍ୟ ଲୋକଙ୍କୁ ଡାକିଥିଲେ। ବାହାରେ ଥିବା ଲୋକେ ଏହା ଦେଖି ନେପାଳଙ୍କୁ ଏକ ଅଟୋ ଯୋଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ନେପାଳଙ୍କୁ ଡାକ୍ତର ମୃତ ଘୋଷଣା କରିଥଲେ। ଖବର ପାଇ ଡାବୁଗାଁ ଥାନା ଏଏସ୍‌ଆଇ ଶିଶିରକାନ୍ତ ଘୋଷ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ମୃତକଙ୍କ ସାନଭାଇ ସୁରେଶ ମାଝି ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି।

### ୧୨୦ ପିଲାଙ୍କ ଚକ୍ଷୁ ପରୀକ୍ଷା

ପାପଡାହାଣ୍ଡି,୧୩।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମାନିଗାଁ ପଞ୍ଚାୟତ ମହେନ୍ଦ୍ରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଦୃଷ୍ଟି ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡିଇଓ ପ୍ରଦୀପ କୁମାର ନାଗ, ବିଇଓ ବୀରେନ୍ଦ୍ର କୁମାର ପାଢ଼ୀ, ଏବିଇଓ ବାଲକ ଦାସ ରନ୍ଧାରୀ ଉପସ୍ଥିତ ଥିଲେ। ମହେନ୍ଦ୍ରୀ, ବାରୀଗୁଡ଼ା ଓ ବଡ଼ପାଞ୍ଜରୀଆଗୁଡା କ୍ଲଷ୍ଟରରୁ ୧୨୦ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୩ଜଣ ଡାକ୍ତର ପିଲାମାନଙ୍କର ଆଖି ପରୀକ୍ଷା କରିଥିଲେ। ୧୯ ଜଣଙ୍କୁ ଚଷମା ପ୍ରଦାନ ଓ ୩ଜଣଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିପିଏମ୍ ନିବେଦିତା ପଟ୍ଟନାୟକ, ସମୀର ପାତ୍ରଙ୍କ ସହ ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ।

### ଉମରକୋଟ୍‌ରେ ଧାନମଣ୍ଡି ଉଦ୍‌ଘାଟିତ

ଉମରକୋଟ୍, ୧୩।୧୨(ସ୍ୱ.ପ୍ର.)- ଉମରକୋଟ୍‌ରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଉମରକୋଟ୍ ପୌରାଧକ୍ଷା ରାଧା ଭତ୍ରା, ବ୍ଲକ ଅଧକ୍ଷା, ପୌର ଉପାଧକ୍ଷ ସୁଧାଂଶୁ ଦାସ, ତହସିଲଦାର ଏନ୍.ଜଗଜ୍ଜୀବନ ଚୌଧୁରୀ, ବିଡିଓ ହିମାଞ୍ଚଳ ମାଝି, ବରିଷ୍ଠ ଭାଜପା ନେତା ରମେଶ ସାହୁ, ଆର୍‌ଏମ୍‌ସି ସଭାପତି କୈଳାସ ନାୟକ, କାଲୁ ପଣ୍ଡା, ଭୁବନ ମାଝି, କିଶୋର ସାହୁ, ଗଜେନ୍ଦ୍ର ନାୟକ, ଭୈରବ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଉମରକୋଟ ଯୋଗାଣ ନିରୀକ୍ଷକ ରାମଚନ୍ଦ୍ର ଖିଲ, ଲାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ ଅସିତ୍ ରାୟ, ଆର୍‌ଏମ୍‌ସି ଅଧିକାରୀ ରାଜେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ଉମରକୋଟ, ବୁଧବାର ବେହେଡ଼ା, ଗୁରୁବାର ସିଂସାରୀ, ଶୁକ୍ରବାର ଜାମରୁଣ୍ଡ ଓ ଶନିବାର ସାନଭରଣ୍ଡିରେ ଧାନମଣ୍ଡି ଅନୁଷ୍ଠିତ ହେବ। ଚଳିତ ବର୍ଷ ଉମରକୋଟ ବ୍ଲକରେ ମୋଟ ୩୩୮୯ ଜଣ ଚାଷୀ ମଣ୍ଡିରେ ଧାନ ଦେବା ପାଇଁ ପଞ୍ଜୀକରଣ କରିଥିବା ଲାମ୍ପ୍‌ସ ଏମ୍‌ଡି ସୂଚନା ଦେଇଛନ୍ତି। ମିଲର ବୁଟନ ଅଗ୍ରୱାଲ, ପ୍ରଶାନ୍ତ ଦାଶ, ରାଜେଶ ରାଓ, ସଚିନ ଅଗ୍ରୱାଲ, ଗଣେଶ ପାଢ଼ୀ, ବାବୁଲା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟ, ସେବା, ବନ୍ଧୁତାକୁ ନେଇ ରେଡ଼କ୍ରସ୍



ଡାବୁଗାଁ, ୧୩।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁବ ରେଡ଼କ୍ରସ୍ ପ୍ରବେଶକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୁକ୍ତ ୨ ଅଧକ୍ଷ ଶଶାଙ୍କ ଶେଖର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଯୁବ ରେଡ଼କ୍ରସ୍ ଜିଲା ସଂଯୋଜକ ଅଖିଳ ଭଞ୍ଜ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଅଧାପକ ରମେଶ ଚନ୍ଦ୍ର ନାହାକ, ନବୀନ କୁମାର ନାଗେସ, ଭବାନୀ ଶଙ୍କର ତ୍ରିପାଠୀ, ଯୁବ ରେଡ଼କ୍ରସ୍ କାଉନସିଲର (ଯୁକ୍ତ ୨) ଶିବପ୍ରସାଦ ସାହୁ, ଯୁବ ରେଡ଼କ୍ରସ୍ କାଉନସିଲର(ଯୁକ୍ତ ୩) ଅଧାପିକା ଚନ୍ଦନା ପଣ୍ଡା, ତତ୍ତ୍ୱମସୀ ରଥ ପ୍ରମୁଖ ଉପସ୍ଥିତ ଥିଲେ। ରେଡ଼କ୍ରସ୍ ସ୍ୱାସ୍ଥ୍ୟ, ସେବା,ବନ୍ଧୁତା ଉପରେ ପର୍ଯ୍ୟବସିତ ବୋଲି ମୁଖ୍ୟ ଅତିଥି କହିଛନ୍ତି। ଏହି ଅବସରରେ ଆୟୋଜିତ ଓଡ଼ିଆ ପ୍ରବନ୍ଧ ଲିଖନର କୃତୀ ପ୍ରତିଯୋଗୀ ଶାଶ୍ୱତୀ ରାଉତ (ପ୍ରଥମ), ଭୁଜବଳ ଭତ୍ରା (ଦ୍ୱିତୀୟ), ଯମୁନା ଭତ୍ରା (ତୃତୀୟ)ଙ୍କୁ ଅତିଥିମାନେ ପୁରସ୍କୃତ କରିଛନ୍ତି। ଅଧାପିକା ତତ୍ତ୍ୱମସୀ ରଥ ମଞ୍ଚ ପରିଚାଳନା କରିଥିଲେ। ଅଧାପକ ନାହାକଙ୍କ ଦ୍ୱାରା ପିଲାମାନଙ୍କ ପାଇଁ ଏକ ମ୍ୟାଜିକ୍ ଶୋ କରାଯାଇଥିଲା।

## ବ୍ଲକସ୍ତରୀୟ ବିଜ୍ଞାନମେଳାରେ ୯୩ ପ୍ରକଳ୍ପ ପ୍ରଦର୍ଶିତ



ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

**ତେନ୍ତୁଳିଖୁଣ୍ଟି, ୧୩।୧୨(ଡି.ଏନ୍.ଏ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଲକଡ଼ିପାଲ୍ଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଆୟୋଜିତ ହୋଇଯାଇଛି। ଏଥିରେ ୬୭ ବିଦ୍ୟାଳୟରୁ ୯୩ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଛି। ବିଇଓ ସମରେନ୍ଦ୍ର ଭୌମିକ ଏହାର ଉଦ୍‌ଘାଟନ କରିଛନ୍ତି। କୋଷଗୁମୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପବିତ୍ର ହାଲ୍‌ଦାର, ନଳିନୀକାନ୍ତ ପାତ୍ର ବିଚାରକଭାବେ ୬ଟି ପ୍ରକଳ୍ପ ଜିଲାସ୍ତରକୁ ଚୟନ କରିଥିଲେ। ଶୁଭମ କୁମାର ବିଷୋୟୀ (ଝରିଗୁମ୍ମା ନୋଡାଲ ହାଇସ୍କୁଲ), ପ୍ରତ୍ୟୁଷ ହିଆଲ (ନୋଡାଲ ଉଚ୍ଚବିଦ୍ୟାଳୟ ବିରିଗୁଡ଼ା), ବୈକୁଣ୍ଠନାଥ ଭାବେ (ପୂଜାରିଗୁଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ), ଶ୍ରୀକାନ୍ତ ପଟ୍ଟନାୟକ (ତେନ୍ତୁଳିଖୁଣ୍ଟି ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟ ), ଶୁଭସ୍ମିତା ସାହୁ (ଓଡ଼ିଶା ଆଦର୍ଶ ବିଦ୍ୟାଳୟ) ଓ ରାହୁଲ ଚନ୍ଦ୍ର ବିଷୋୟୀ (ଅଞ୍ଚଳଗୁମ୍ମା ହାଇସ୍କୁଲ)ଙ୍କ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ବିଇଓ ଭୌମିକଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ପ୍ରଦୀପ କୁମାର ମିଶ୍ର, ବ୍ଲକ ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ, ଜିଲା ପରିଷଦ ସଭ୍ୟ କ୍ରିଷ୍ଣା ମଞ୍ଜରୀ ବିଷୋୟୀ, ଏବିଇଓ ମୋହନ ମଧୁସୂଦନ ବାଘ, ରମେଶ ଟାକ୍ରି, କ୍ଷେତ୍ରମୋହନ ବିଷୋୟୀ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଅବିନାଶ ସାହୁ, ସିଆର୍‌ସିସି ସର୍ବେଶ୍ୱର ପତି, ଡମ୍ବରୁ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

## ଶୋକାକୁଳ ପରିବେଶରେ ସପନ, ରୀତାଙ୍କ ଶେଷକୃତ୍ୟ

**ପରିତ୍ୟକ୍ତ କୂଅରେ କାର୍ ପଡି ୪ଜଣଙ୍କ ମୃତ୍ୟୁ ଘଟଣା**

ଉମରକୋଟ,୧୩।୧୨(ସ୍ୱ.ପ୍ର.)

ଛତିଶଗଡ଼ର କାଙ୍କେରରୁ ପ୍ରାୟ ୫ କିଲୋମିଟର ଦୂର ଏକ ପରିତ୍ୟକ୍ତ କୂଅରେ କାର ସହ ପଡ଼ି ପ୍ରାଣ ହରାଇଥିବା ଉମରକୋଟ ନିବାସୀ ତଥା ରାଇଘର ତହସିଲ କାର୍ଯ୍ୟାଳୟର ସୁପରଭାଇଜର ସପନ ସରକାର ଓ ତାଙ୍କ ସ୍ତ୍ରୀ ରୀତାଙ୍କ ଉମରକୋଟ ସହର ୩ୟ ଭି ୩ ଡଙ୍ଗରିଗୁଡା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏହି ଘଟଣାରେ ପ୍ରାଣ ହରାଇଥିବା ସପନଙ୍କ ଶଳା ବିଶ୍ୱଜିତ୍ ଅଧିକାରୀ ଓ ହଜାରିଲାଲ ଢାଲିଙ୍କ ଶେଷକୃତ୍ୟ ଛତିଶଗଡ଼ କୋଣ୍ଡାଗାଁରେ ସମ୍ପନ୍ନ ହେଇଛି। ଛତିଶଗଡ଼ରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ମୃତଦେହ ୨ଟି ଉମରକୋଟରେ ପହଞ୍ଚିବାପରେ ସ୍ଥାନୀୟ ଅଞ୍ଚଳ କାନ୍ଦ ବୋବାଳିରେ ଫାଟି ପଡିଥିଲା। ସପନ ଓ ରୀତାଙ୍କ ପୁଅ ନବଜିତ ସରକାର ମୁଖାଗ୍ନି ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଭୋଜି ଖାଇ ଶନିବାର ରାତି ପ୍ରାୟ ୧୦.୩୦ରେ ସପନ, ରୀତା, ବିଶ୍ୱଜିତ ଓ ହଜାରିଲାଲ ଏକ କାର୍‌ରେ ଛତିଶଗଡ଼ କାଙ୍କେରରୁ ଉମରକୋଟ ଫେରୁଥିବା ବେଳେ ତାହା ଦୁର୍ଘଟଣାଗ୍ରସ୍ତ ହୋଇ ଏକ ପରିତ୍ୟକ୍ତ କୂଅରେ ପଡି ଯାଇଥିଲା। ସେଥିରେ ସମସ୍ତଙ୍କ ମୃତ୍ୟୁ ହୋଇଥିଲା।

## ଶ୍ୟାମ ଗନ୍ତାୟତ ଦଳ ଚାମ୍ପିୟନ

**ନବରଙ୍ଗପୁର,୧୩।୧୨(ବି.ପ୍ର.)**

ନବରଙ୍ଗପୁର କଲେଜ ସ୍ୱର୍ଣ୍ଣ ଜୟନ୍ତୀ ପାଳନ ଅବ୍ୟବହିତ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି କ୍ରମରେ କ୍ରିକେଟ ପ୍ରତିଯୋଗିତାରେ ପୁରାତନ ଛାତ୍ରମାନଙ୍କ ବିଭିନ୍ନ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କଲେଜ ପଡ଼ିଆରେ ଅନୁଷ୍ଠିତ ନବରଙ୍ଗପୁର ସୁବର୍ଣ୍ଣ ଜୟନ୍ତୀ କ୍ରିକେଟ କପ୍ ଚାମ୍ପିୟନଶିପ ଫାଇନାଲ ମ୍ୟାଚରେ ଶ୍ୟାମ ଗନ୍ତାୟତ ଦଳ ରାମମୂର୍ତ୍ତି ଦଳକୁ ପରାସ୍ତକରି ନବରଙ୍ଗପୁର କଲେଜ ସୁବର୍ଣ୍ଣ ଜୟନ୍ତୀ କ୍ରିକେଟ ଟୁର୍ନାମେଣ୍ଟର ଚାମ୍ପିୟନ ହୋଇଛି।

ଟୁର୍ନାମେଣ୍ଟରେ ପୁରାତନ ଛାତ୍ର ଶିବ ଗନ୍ତାୟତ, ଆର୍. ନାରାୟଣ ରାଓ, ରାମ ମୂର୍ତ୍ତି ପଟ୍ଟନାୟକ ଏବଂ ଶ୍ୟାମପ୍ରସାଦ ଗନ୍ତାୟତଙ୍କ ନାମରେ ୪ଟି ଦଳ କରାଯାଇଥିଲା। ରାଜ୍ୟ ସଭା ସଦସ୍ୟ ମୁନା ଖାଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ, ଉପସଭାପତି ଏମ୍. ବାଲା କୃଷ୍ଣା ରାଓ, ସହ ସମ୍ପାଦକ ମନୋଜ ପଟ୍ଟନାୟକ, କ୍ରିକେଟ ସମ୍ପାଦକ ଅଶୋକ ନାୟକ, ଆଥଲେଟିକ ସମ୍ପାଦକ ଜ୍ୟୋତି ପରିଛାଙ୍କ ସମେତ ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଗଣେଶ ଦାସ, ସମ୍ପାଦିକା ସଙ୍ଗୀତା ତ୍ରିପାଠୀ, କୋଷାଧକ୍ଷ ସ୍ୱର୍ଣ୍ଣଲତା ପଟ୍ଟନାୟକ,କଲେଜ ଅଧକ୍ଷ ଡ. ଭାସ୍କରନାଥ ବିଶାଳ, ସଦସ୍ୟ ଶିବଶଙ୍କର ତ୍ରିପାଠୀ, ରାଜ୍ୟ କିରାଣି ସଂଘ ସଭାପତି ବାଲାଜି ସାହୁ ଏବଂ ପ୍ରାକ୍ତନ ଖେଳାଳି ଆର୍. ନାରାୟଣ ରାଓ, ଶ୍ୟାମପ୍ରସାଦ ଗନ୍ତାୟତ, ନରେଶ ନାୟକ, କୈଳାସ ସୁବୁଦ୍ଧି, ଅଶୋକ ନାୟକ, ନଗେନ୍ଦ୍ର ପ୍ରସାଦ ପଟ୍ଟନାୟକ, ପ୍ରଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଟୁର୍ନାମେଣ୍ଟ ପରିଚାଳନାରେ ରମେଶ ସତ୍‌ନାମୀ, ଅମିତ ଡାନିଏଲ, ବାବୁଜୀ ପଟ୍ଟନାୟକ, ଦେବଦତ୍ତ ସାହୁ, ବିଜୟ ଏବଂ ଉତ୍ତମ ନାୟକ ପ୍ରମୁଖ ସହଯୋଗ କରିଥିଲେ। ବିଜୟୀ ଦଳକୁ ଆଗାମୀ ସୁବର୍ଣ୍ଣ ଜୟନ୍ତୀ ମୁଖ୍ୟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ମିଡିଆ କୋଅର୍ଡିନେଟର କିଶୋର ପଟ୍ଟନାୟକ ସୂଚନା ଦେଇଛନ୍ତି।

## ରାଇଘରରେ ମାଓବାଦୀ ବ୍ୟାନର

**ରାଇଘର, ୧୩।୧୨(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ରାଇଘର ବ୍ଲକର ୨ଟି ସ୍ଥାନରେ ମାଓବାଦୀ ବ୍ୟାନର ଓ ପୋଷ୍ଟର ମିଳିଛି। ଜଙ୍ଗଲ ମାଫିଆଙ୍କୁ ଟାର୍ଗେଟ କରି ୪୦ ନମ୍ବର ରାଜ୍ୟ ରାଜପଥର ଅଳ୍ପ ଦୂର ଯୋଡ଼ିଙ୍ଗା କନ୍ୟା ଆଶ୍ରମ ଛକ ଓ କୁସୁମପୁର ହାଟପଦା ନିକଟରେ ମାଓବାଦୀମାନେ ଲିଫ୍‌ଲେଟ, ବ୍ୟାନର ମାରିଥିବା ଦେଖିବାକୁ ମିଳିଛି। ଏହିସବୁ ପୋଷ୍ଟର ଓ ବ୍ୟାନର ମାକପା (ମାଓବାଦୀ) ସିତାନଦି ଏରିଆ କମିଟି ପକ୍ଷରୁ ଲଗାଯାଇଥିବା ଉଲ୍ଲେଖ କରାଯାଇଛି। ଜଙ୍ଗଲକଟାକୁ ବିରୋଧ କରିବା ସହ ପ୍ରଶାସନକୁ ଗୁପ୍ତ ସୂଚନା ଦେବା ଓ ପୁରସ୍କାର ପାଇବା ନିତି ନିୟମ ବନ୍ଦ କରିବାକୁ ସମାନେ ଚେତାବନୀ ଦେଇଛନ୍ତି। ଜଙ୍ଗଲକଟା ବନ୍ଦ ସହିତ ଜଙ୍ଗଲ ଜମି ଛାଡ଼ିବାକୁ ମାଓବାଦୀମାନେ ଉକ୍ତ ବ୍ୟାନର ଓ ପୋଷ୍ଟରରେ ଉଲ୍ଲେଖ କରିଛନ୍ତି। ରାଇଘର ପୋଲିସ ବ୍ୟାନର ଓ ପୋଷ୍ଟରକୁ ଜବତ କରିଛି।

## ମଙ୍ଗଳବାର, ବୁଧବାର ଡାବୁଗାଁରେ ଧାନମଣ୍ଡି

**ଡାବୁଗାଁ, ୧୩।୧୨ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ସ୍ଥାନୀୟ ହାଟପଦାରେ ମଙ୍ଗଳବାର ଖରିଫ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ମଣ୍ଡି ଉଦ୍‌ଘାଟନ ସମୟରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବ୍ଲକ ଅଧକ୍ଷା ବୀଣା ମାଝି, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ଲାମ୍ପ୍‌ସ ଏମ୍‌ଡି ଆର୍. ଶଙ୍କର ରାଓ, ଲାମ୍ପ୍‌ସ ଡାଇରେକ୍ଟର ସତ୍ୟ ରାଓ, କୃଷକ ସଂଘ ସଭାପତି ସତ୍ୟରଞ୍ଜନ ପାତ୍ର, ମିଲର୍ସ ଜି. ଗୋପାଳକୃଷ୍ଣ ରାଓ, ବାବୁଲି ରାଓ, ଟି.ମୁରଲୀ , ଜି. ପାଚ୍ଚୁଲୁ ରାଓଙ୍କ ସମେତ ଧନସିଂ ଭତ୍ରା, ଜୟନ୍ତ ପାତ୍ରଙ୍କ ଭଳି ସ୍ଥାନୀୟ ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ଥିଲେ। ମଣ୍ଡିରେ ଚାଷୀଙ୍କୁ ଯେପରି କୌଣସି ଅସୁବିଧା ନ ହୁଏ ସେ ନେଇ ବିଧାୟକ ଆର୍‌ଏମ୍‌ସି ସମ୍ପାଦକ କପିଳେନ୍ଦ୍ର ସାସମଲ ଓ ସ୍ଥାନୀୟ ଏମ୍‌ଡିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସାଧାରଣ ଧାନ ୨୦୪୦ ଟଙ୍କା ଥିବାବେଳେ 'କ' ଶ୍ରେଣୀର ଧାନ ୨୦୬୦ ଟଙ୍କା ଥିବା କୁହାଯାଇଛି। ମଣ୍ଡିକୁ ଧାନ ଆଣିବା ସମୟ ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରହିଛି। ଡାବୁଗାଁ ବ୍ଲକର ମଙ୍ଗଳବାର ଓ ବୁଧବାର ରଖା ଯାଇଥିବା ବେଳେ ଜୁନାପାଣିରେ ଶୁକ୍ରବାର ଧାନମଣ୍ଡି ରଖାଯାଇଛି। ଏହି ମଣ୍ଡିରେ ମା' ତାରାତାରିଣୀ, ମା' ତୁଳସୀ, ଓ ମା' ଲକ୍ଷ୍ମୀ ଏସ୍‌ଏଚ୍‌ଜିଙ୍କୁ ସାମିଲ କରାଯାଇଛି।


ଧାନମଣ୍ଡି ଉଦ୍‌ଘାଟନ ଅବସରରେ ଅତିଥିମାନେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WALK-IN-INTERVIEW
On 16 & 18 Dec. 22,
10 AM to 2 PM
B.E/Dip- Civil Engineer- 3-5 Yrs
B.E-Electrical/IT/ECE/MCA-6-7 Yrs
Venue- Hotel Divine Inn
Sishupalgarh, Bhubaneswar-2
Mob:9437444968
CV to cmecbbsr@rediffmail.com

ଆବଶ୍ୟକ
ଭୁବନେଶ୍ୱର ଉତ୍କଳ ହାଇଟ୍ସରେ ଘରୋଇ କାର୍ଯ୍ୟ କରିବା ନିମନ୍ତେ ମହିଳା/ଝିଅ ପ୍ରାର୍ଥୀ ଆବଶ୍ୟକ (ଏକୁଟିଆ ହୋଇଥିବେ) ମାସିକ ୫୦୦୦/- ସହିତ ଖାଇବା ସମ୍ପୂର୍ଣ୍ଣ ବିବରଣୀ ସହିତ ଯୋଗାଯୋଗ :
୯୨୩୮୪୯୯୧୦୯

APPOINTMENT
ପୁରୀର ଏକ କାଫେ ରେ କଣ୍ଟିନେଣ୍ଟାଲ୍ ରୋଷେୟା ଏବଂ ୱେଟର ଆବଶ୍ୟକ। ଇଚ୍ଛୁକ ବ୍ୟକ୍ତିବିଶେଷ ତା ୧୦.୧୨.୨୦୨୨ ରିଖ ରୁ ତା ୧୭.୧୨.୨୦୨୨ ରିଖ ମଧ୍ୟରେ ଯୋଗାଯୋଗ କରନ୍ତୁ।
Mob : 9040472499
ସ୍ଥାନୀୟ ବାସିନ୍ଦାଙ୍କୁ ଅଗ୍ରାଧିକାର ଦିଆଯିବ।

SHIVGAN INFRASTRUCTURE PRIVATE LIMITED
Plot No. - 2132/5124, Nageswar Tangi, Lewis Road, BBSR, Odisha - 751002
CIN: U45201OR2010PTC011671
REQUIRED
WALK-IN-INTERVIEW
• 1 No. of MANAGER : Salary: Rs.12,000/- (Incentive Extra) Qualification: MBA (Male/Female)
• 1 No. of SUPERVISOR : Salary: Rs.8,000/- (Incentive Extra) Qualification: Graduation (Applicant only Male)
Date of Interview: 20.12.2022 (Tuesday) & 25.12.2022 (Sunday)
Time: 11.00 A.M. to 1.00 P.M.
Contact No.: 9437040150 | 8984256009
(Time: 11.00 A.M. to 6.00 P.M.)

JOIN AS PARTNER
● Fixed + Variable Pay
● Incentives + Foreign Trips
● Rewards + Recognisations
● Insurance Cover + Guaranteed Benefits
Contact: 8249253959

See Career Appointment on every Wednesday & Saturday

SWARNA Mahindra
WALK IN INTERVIEW
SWARNA AUTOMOBILES PVT. LTD.
( Truck & Bus Division )
♦ General Manager (Sales)
♦ AGM (Sales) - 4nos.
♦ Sr.Marketing Officer- 4nos.
♦ Manager(Sales) - 12 nos.
♦ Business Development Officer - 20nos.
♦ Service Manager - 2nos.
♦ DTP Operator/Accountant Sales Executive/ Receptionist
DATE OF INTERVIEW
10th, 11th, 17th & 18th Decemeber 2022
At :- Hotel Park Premium 7, Tosali Apartment, Near Durga Mandap, Satyanagar, Bhubaneswar, Mail ID-hrswarnamahindra@gmail.com

# କମ୍ ଦରରେ ଧାନ ନେବାକୁ ସକ୍ରିୟ ମିଲର୍ସ, ବେପାରୀ

ବିଷମକଟକ,୧୩।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲାରେ ଏ ପର୍ଯ୍ୟନ୍ତ ମଣ୍ଡି ଖୋଲିନାହିଁ। ଚାଷୀ ଖୋଲା ଆକାଶ ତଳେ ଧାନ ଅମଳ କରି ଜଗି ରହିଛନ୍ତି। ବାରମ୍ବାର ଲଘୁଚାପ ଚାଷୀଙ୍କୁ ଚିନ୍ତାରେ ପକାଉଛି। ଆଗକୁ ପୁଣି ଏକ ଲଘୁଚାପ ରହିଥିବାରୁ ଚାଷୀ ଆଶଙ୍କାରେ ପଡ଼ିଛନ୍ତି। ଚଳିତ ଖରିଫ ଋତୁ ପାଇଁ ମଣ୍ଡି ଖୋଲିବାରେ ଯେତେ ବିଳମ୍ବ ହେଉଛି କ୍ଷୁଦ୍ର ଓ ମଧ୍ୟମ ବର୍ଗର ଚାଷୀ ଅଧିକ ଦଲାଲଙ୍କ ଶିକାର ହେଉଛନ୍ତି। ଚାଷୀ ଋଣ ଏବଂ କରଜ କରି ଧାନ ଅମଳ କରୁଥିବାବେଳେ ଫସଲର ଉଚିତ୍ ମୂଲ୍ୟ ପାଇ ଋଣ ଶୁଝିବା ଚିନ୍ତାରେ ରହିଥାନ୍ତି। ବିଷମକଟକ ବ୍ଲକରେ ଏବେ କେତେକ ଜମିରୁ ଚାଷୀ ଧାନ ଅମଳ କରିସାରିଲେଣି। ଏଭଳି ପରିସ୍ଥିତିରେ ସୁଯୋଗ ନେଇ ବେପାରୀ ଏବଂ ମିଲର୍ସ ଚାଷୀଙ୍କ ଠାରୁ କମ୍ ମୂଲ୍ୟରେ ଧାନ କିଣି ନେଉଛନ୍ତି। ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ଚାଷୀ ମଧ୍ୟ ଶୀଘ୍ର ଋଣ ଶୁଝିବା ପାଇଁ କମ୍ ଦରରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଆଉ କେତେକ ଚାଷୀ କେବେ ମଣ୍ଡି ଖୋଲିବ ଏବଂ ଟୋକନ ଆସିଲେ ଧାନ ବିକ୍ରି କରିବେ ବୋଲି ଅପେକ୍ଷା କରିଛନ୍ତି।


ଖଳାରେ ଅସୁରକ୍ଷିତ ଅବସ୍ଥାରେ ଧାନ ଗଦା ହୋଇଛି।

ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏ ପର୍ଯ୍ୟନ୍ତ ସାଟେଲାଇଟ ମାଧ୍ୟମରେ ଧାନଜମି ଚିହ୍ନଟ ପ୍ରକ୍ରିୟା ସରିନାହିଁ। ସେଥିପାଇଁ ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବା ଜଣାପଡ଼ିଛି। ଡିସେମ୍ବର ୧୯ ସୁଦ୍ଧା ମଣ୍ଡି ଖୋଲାଯିବ ବୋଲି ପ୍ରଶାସନ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଛି। ଅନ୍ୟପକ୍ଷରେ ମଣ୍ଡିଖୋଲିବାର ୭ଦିନ ପୂର୍ବରୁ ଚାଷୀଙ୍କୁ ଟୋକନ ପାଇଁ ମୋବାଇଲରେ ସୂଚନା ମିଳିବା କଥା। ହେଲେ ଏ ପର୍ଯ୍ୟନ୍ତ ବିଷମକଟକରେ ୬୫୦୦ ହେକ୍ଟରରୁ ଅଧିକ ଜମିରେ ଧାନ ଚାଷ ହୋଇଥିବା ବେଳେ ସେଥିମଧ୍ୟରୁ ଜଣଙ୍କୁ ମଧ୍ୟ ମୋବାଇଲରେ ଏ ପର୍ଯ୍ୟନ୍ତ ସୂଚନା ଦିଆଯାଇନାହିଁ। ଏଭଳି ସ୍ଥଳେ ଅଧିକାଂଶ ଚାଷୀ ବାହାର ବେପାରୀ ଏବଂ ମିଲର୍ସଙ୍କୁ ଧାନ ବିକ୍ରି କରିବା ପରେ ମଣ୍ଡି ଖୋଲି ପ୍ରଶସନ ନିକଟରେ ବାଃ ବାଃ ନେବାରେ କେଉଁଲାଭ ବୋଲି ଚାଷୀ ମତପ୍ରକାଶ କରିଛନ୍ତି। ଶୀତ କାକରରେ ଚାଷୀ ବର୍ଷକର ଅମଳ ଧାନକୁ ଜଗି ରହିଛି। ପୂର୍ବରୁ ଚାଷୀ ଅମଳ କରିଥିବା ଖରିଫ ଧାନକୁ ବିହନ ନିଗମ ସ୍ୱୀକୃତି ପ୍ରଦାନ କରି ଚାଷୀଙ୍କ ଠାରୁ କ୍ରୟ କରୁଥିବା ବେଳେ ମିଲର୍ସ ସେହି ଧାନକୁ ନିମ୍ନମାନର ଦର୍ଶାଇ ଚାଷୀଙ୍କ ଠାରୁ କେଜି ପ୍ରତି ମାତ୍ର ୮ ରୁ ୧୦ ଟଙ୍କାରେ କିଣି ନେଉଛନ୍ତି। ଏବେ ଚାଷୀ ଖଳାରୁ ଧାନ ନେଇ କୌଣସି ସୁରକ୍ଷିତ ସ୍ଥାନରେ ରଖିବା ପାଇଁ ମଧ୍ୟ ପ୍ରସ୍ତୁତ ନୁହଁନ୍ତି। ଆର୍ଏମ୍ସି ଗୋଦାମ ଗୃହରେ ଧାନ ରଖିଲେ ଚାଷୀଙ୍କୁ କୁଇଣ୍ଟାଲ ପିଛା ୫୦ ରୁ ୧୦୦ ଟଙ୍କା ଦେବାକୁ ପଡ଼ିବ। ସେଥିପାଇଁ ଚାଷୀ ସେଠାକୁ ଧାନ ନେବାପାଇଁ ମନ ବଳାଉନାହାଁନ୍ତି। ଫଳରେ ଚାଷୀ କ୍ଷତି ସହିବାକୁ ବାଧ୍ୟ ହେଉଛନ୍ତି। ତେଣୁ ଶୀଘ୍ର ମଣ୍ଡି ଖୋଲି ଚାଷୀଙ୍କ ଧାନ କିଣିବା ପାଇଁ ଚାଷୀ ଦାବି କରିଛନ୍ତି।

**ଏ ପର୍ଯ୍ୟନ୍ତ ଖୋଲିନି ଖରିଫ ମଣ୍ଡି**

## ସଂକ୍ଷେପରେ

### ଡକ୍ଟର ଗିରିଧର ହାଇସ୍କୁଲର ବାର୍ଷିକ କ୍ରୀଡ଼ା



ଗୁଡାରି,୧୩।୧୨(ଡି.ଏନ୍.ଏ.)- ଗୁଡାରି ବ୍ଲକ ମେଟୁଖିଲିଙ୍ଗିରାଇ ଗ୍ରାମ ସ୍ଥିତ ଡକ୍ଟର ଗିରିଧର ହାଇସ୍କୁଲର ୨୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍ଘାଟିତ ହୋଇଯାଇଛି। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଏହାର ଉଦ୍ଘାଟନ କରିଥିଲେ। ବିଧାୟକଙ୍କ ନିଜ ଗାଁରେ ଏହି ବିଦ୍ୟାଳୟ ରହିଛି। କାର୍ଯ୍ୟକ୍ରମରେ ବିଧାୟକ ଯୋଗଦେଇ ସ୍କୁଲର ନାମ ଯେପରି ବିଶ୍ୱ ଦରବାରରେ ପହଞ୍ଚିବ ସେହି ଦିଗରେ ଶିକ୍ଷକ ଓ ଛାତ୍ରୀଛାତ୍ର ଉଦ୍ୟମ କରିବାକୁ ଆହ୍ୱାନ କରିଛନ୍ତି। କାର୍ଯ୍ୟକ୍ରମରେ ମେଟୁଖିଲିଙ୍ଗିରାଇ ସରପଞ୍ଚ ତେୟାର ଗ୍ରସ୍ମୀ ଶବର ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ସ୍ଥାନୀୟ ଠାକୁରାଣୀ ମନ୍ଦିରରୁ ମଶାଲ ଶୋଭାଯାତ୍ରାରେ ବାହାରି ବିଦ୍ୟାଳୟରେ ପହଞ୍ଚିଥିଲେ। ପ୍ରଧାନ ଶିକ୍ଷକ ଭଗବାନ ତୁଳଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ସୁନିଲ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଦୁଇ ଦିନିଆ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହେଉଛି।

### ସିପିଆଇଏମ୍ଏଲ୍ ଲିବରେଶନର ରାଜ୍ୟସ୍ତରୀୟ ସମ୍ମିଳନୀ



ଗୁଣପୁର,୧୩।୧୨(ଡି.ଏନ୍.ଏ.)- ଗୁଣପୁରଠାରେ ସିପିଆଇଏମଏଲ୍ ଲିବରସେନ ପକ୍ଷରୁ ଚାଲିଥିବା ଦୁଇ ଦିନିଆ ୫ମ ରାଜ୍ୟସ୍ତରୀୟ ସମ୍ମିଳନି ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି। ଶେଷ ଦିନର ସମ୍ମିଳନି ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ହୋଇଥିଲା। ଏହି ସମ୍ମିଳନୀରେ ଝାଡଖଣ୍ଡର ପଲଟିବ୍ୟୁରୋ ସଦସ୍ୟ ଜନାର୍ଦ୍ଦନ ପ୍ରସାଦ, ଆନ୍ଧ୍ର ପ୍ରଦେଶର ଏନ୍. ମୂର୍ତ୍ତି ଏବଂ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ରାଧାକାନ୍ତ ସେଠୀ, ଶ୍ରମିକ ନେତା ମହେନ୍ଦ୍ର ପରିଡ଼ା, କୃଷକ ନେତା ଅଶୋକ ପ୍ରଧାନଙ୍କ ସମେତ ରାଜ୍ୟ ନେତୃବୃନ୍ଦ ସହ ପ୍ରତିନିଧିମାନେ ଯୋଗ ଦେଇଥିଲେ। ସଙ୍ଗଠନ କିଭଳି ସୁଦୃଢ଼ ହେବ ସେ ନେଇ ଆଲୋଚନା କରାଯିବା ସହ ୪୧ ଜଣଙ୍କୁ ନେଇ ରାଜ୍ୟ କମିଟି ଘୋଷଣା କରାଯାଇଥିଲା। ସର୍ବସମ୍ମିତି କ୍ରମେ ରାଜ୍ୟ ସମ୍ପାଦକ ଭାବେ ଯୁଧିଷ୍ଠିର ମହାପାତ୍ରଙ୍କୁ ଚୟନ କରାଯାଇଥିଲା। ସେହିଭଳି ରାଜ୍ୟ କମିଟି ସଭ୍ୟଭାବେ ବୃନ୍ଦାବନ ବିଡିକା, ଅନାସିମ ଶବର, ଜେମ୍ସ ଶବର, ମହେନ୍ଦ୍ର ପରିଡ଼ା, ରାଧାକାନ୍ତ ସେଠୀ, ଅଶୋକ ପ୍ରଧାନ ପ୍ରମୁଖ ମନୋନିତ ହୋଇଥିଲେ। ପ୍ରଥମ ଦିନରେ ସୋମବାର ଆଦିବାସୀମାନଙ୍କ ପାରମ୍ପାରିକ ନାଚ ଗୀତ ସହ ଏକ ବିଶାଳ ଶୋଭାଯାତ୍ରା ଓ ସଭା ହୋଇଥିଲା। ବାଇପାସ ଛକ ସ୍ଥିତ ସିପିଆଇଏମ୍ଏଲ୍ ଲିବରେସନ ନେତା ନାଗଭୂଷଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ଶୋଭାଯାତ୍ରା ସହର ପରିକ୍ରମା କରି ପୁରୁଣା ବସଷ୍ଟାଣ୍ଡ ଠାରେ ପହଞ୍ଚିଥିଲା। ସେଠାରେ ଏକ ଜନ ସଙ୍କଳ୍ପ ସାଧାରଣ ସଭା ହୋଇଥିଲା। ସବିତା ବରାଳ, ମୁରଲି ବେହେରା, ମନ୍ଦାକିନି ସେଠୀ, ବୃନ୍ଦାବନ ବିଡିକା, ସିପିଆଇଏମ୍ଏଲ୍ର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ ଏବଂ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ।

# ଗାନ୍ଧୀ ପବ୍ଲିକ ସ୍କୁଲକୁ ରୌପ୍ୟ ପଦକ

ଗୁଣପୁର,୧୩।୧୨(ଡି.ଏନ୍.ଏ.)

ଛତିଶଗଡ଼ର ବିଳାସପୁରଠାରେ ଡିସେମ୍ବର ୧୦ ରୁ ୧୨ ପର୍ଯ୍ୟନ୍ତ ୩ ଦିନ ଧରି ଆୟୋଜିତ ଆନ୍ତଃରାଜ୍ୟ (ସିବିଏସ୍ଇ କ୍ଲଷ୍ଟର-୨) ଖୋଖୋ ପ୍ରତିଯୋଗିତାରେ ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲ(ଜିପିଏସ୍)ର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଉଭୟ ବାଳିକା ଓ ବାଳକ ଦଳ ରୌପ୍ୟ ପଦକ ପାଇ ସ୍କୁଲ ଏବଂ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି।

ଏହି ପ୍ରତିଯୋଗିତାରେ ଓଡ଼ିଶା, ଛତିଶଗଡ଼ ଓ ପଶ୍ଚିମବଙ୍ଗରୁ ବାଳକ ବିଭାଗରେ ୧୫ ବିଦ୍ୟାଳୟ ଏବଂ ବାଳିକା ବିଭାଗରେ ୧୩ ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଜିପିଏସ୍ ବିଦ୍ୟାଳୟର ଏକାଦଶ ଶ୍ରେଣୀ ଛାତ୍ର ପ୍ରିୟାଂଶୁ ଗମାଙ୍ଗ ଉତ୍ତମ ପ୍ରଦର୍ଶନ କରି 'ବେଷ୍ଟ ଆଟାକର୍' ବିବେଚିତ ହୋଇ ପୁରସ୍କୃତ ହୋଇଛନ୍ତି। ଏହି ଖବର ସ୍କୁଲରେ ପହଞ୍ଚିବା ପରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ତଥା ଅଭିଭାବକ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ ଖୁସି ବ୍ୟକ୍ତ କରି କହିଛନ୍ତି, ନିଜର ଲକ୍ଷ୍ୟ ସ୍ଥିର ରଖିବା ସହିତ ପ୍ରଚେଷ୍ଟା ଜାରି ରଖିଲେ ସଫଳତା ନିଶ୍ଚିତ ହାସଲ ହୋଇଥାଏ। ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଜଗଦୀଶ ପଣ୍ଡା ଖେଳାଳୀମାନଙ୍କୁ ଅଭିନନ୍ଦନ ଜଣାଇ ଏହି ସଫଳତା ବିଦ୍ୟାଳୟ ପାଇଁ ଗୌରବ ଆଣିବା ସହିତ ଅନ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି। ପ୍ରଶିକ୍ଷକ ଅନନ୍ତ ରଥ ଏବଂ କ୍ରୀଡ଼ା ଶିକ୍ଷକ ଦେବେନ୍ଦ୍ର ନାୟକଙ୍କ ପ୍ରଶିକ୍ଷଣରେ ଛାତ୍ରୀଛାତ୍ର ଖୋଖୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ସତ୍ୟପ୍ରକାଶ ପଣ୍ଡା, ଉପସଭାପତି ଚନ୍ଦ୍ରଧଜ ପଣ୍ଡା କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ବେଷ୍ଟ ଆଟାକର ବିବେଚିତ ପ୍ରିୟାଂଶୁ।

**ସିବିଏସ୍ଇ ଆନ୍ତଃରାଜ୍ୟ ଖୋଖୋ ପ୍ରତିଯୋଗିତା**

# ମୁନିଗୁଡ଼ା ମିନି ଷ୍ଟାଡିୟମ ନିର୍ମାଣ ୮୦ ପ୍ରତିଶତ ଶେଷ

ମୁନିଗୁଡ଼ା,୧୩।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ସହର ଉପକଣ୍ଠ ପେଟ୍ରୋଲ ପମ୍ପ ନିକଟରେ ନିର୍ମାଣାଧୀନ ମିନି ଷ୍ଟାଡିୟମର ପଡ଼ିଆ କାମ ୮୦ ପ୍ରତିଶତ ଶେଷ ହୋଇଛି। ଏହାକୁ ପାଣି ପକାଇ ରୋଲିଂ କରାଯିବା ସହ ଆନୁଷାଙ୍ଗିକ ଭିତ୍ତିଭୂମି ଯଥା ପାଚେରି, ଜଳ ନିଷ୍କାସନ ପାଇଁ ଡ୍ରେନ୍, ପାନୀୟ ଜଳ, ବିଜୁଳି ବ୍ୟବସ୍ଥା ସହ ଖେଳାଳିଙ୍କ ଡ୍ରେସିଂ ରୁମ୍, ଶୌଚାଳୟ,ଖେଳ ଆୟୋଜନ ନିମନ୍ତେ ଷ୍ଟେଜ୍, ଗ୍ୟାଲେରୀ ଆଦିର କାର୍ଯ୍ୟ ବାକିଥିବା ଜଣାପଡ଼ିଛି। ମିନି ଷ୍ଟାଡିୟମ ନିର୍ମାଣ ପାଇଁ ପ୍ରଶାସନ ସ୍ତରରେ ବିଭିନ୍ନ ସମୟରେ ଆଲୋଚନାରତ ମୁନିଗୁଡ଼ା ବିକାଶ ପରିଷଦ, ପ୍ରେସ୍କ୍ଲବ ଓ ମୁନିଗୁଡ଼ା କ୍ରିକେଟ ଆସୋସିଏଶନର କର୍ମକର୍ତ୍ତା ମଙ୍ଗଳବାର ନିର୍ମାଣସ୍ଥଳ ପରିଦର୍ଶନରେ ଆସି ଷ୍ଟାଡିୟମର ଭିତ୍ତିଭୂମି ପରଖିଥିଲେ। ମୁନିଗୁଡ଼ା ପ୍ରେସ୍କ୍ଲବର ସଦସ୍ୟ ମନୋରଞ୍ଜନ ଦଳାଇ, କ୍ରିକେଟ ଆସୋସିଏଶନର ସଭାପତି ନନ୍ଦକିଶୋର ପଟ୍ଟନାୟକଙ୍କ ସମେତ ଜି. କୁମାର ରାଜୁ, ବିକାଶ ପରିଷଦ ସଭାପତି ଘନଶ୍ୟାମ ମାର୍ଥା, ସମ୍ପାଦକ ମାନସ ରଞ୍ଜନ ବେହେରା, ଉପ ସଭାପତି ଭୀମ ବେହେରା, ସୁବାସ ଗୌଡ଼ଙ୍କ ସମେତ ରମେଶ ଗୌଡ଼, କାଳିଆ ପ୍ରଧାନ, ପି.ରାମବାବୁ, ଗରିବ ଗରଡ଼ିଆ ପ୍ରମୁଖ ଷ୍ଟାଡିୟମ ବୁଲି ଦେଖିଥିଲେ। ସେଠାରେ ଉପସ୍ଥିତ ଥିବା ଆର୍ଡବ୍ଲ୍ୟୁଏସ୍ଏସ୍ର କନିଷ୍ଠ ଯନ୍ତ୍ରୀ ରମେଶ ମିଞ୍ଜଙ୍କ ସହ ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ପରେ ସମସ୍ତେ ମୁନିଗୁଡ଼ା ବିଡିଓ ଦିଲୀପ କୁମାର ବେହେରା ଓ ଷ୍ଟାଡିୟମ ନିର୍ମାଣ ଦାୟିତ୍ୱରେ ଥିବା ଅତିରିକ୍ତ ସହକାରୀ ଯନ୍ତ୍ରୀ ଅଶୋକ କୁମାର ପାତ୍ରଙ୍କୁ ମିନି ଷ୍ଟାଡିୟମ ନିର୍ମାଣରେ ଥିବା ନିଷ୍ଠା ଓ ପ୍ରତିବଦ୍ଧତାକୁ ନେଇ ସାଧୁବାଦ ଜଣାଇଥିଲେ। ତିନି ସଙ୍ଗଠନ ପକ୍ଷରୁ ବିଡିଓ ଏବଂ ଯନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଚଳିତ ଥର ଏହି ଗ୍ରାଉଣ୍ଡରେ ରାଜ୍ୟସ୍ତରୀୟ କ୍ରିକେଟ ଓ ଜିଲା ସ୍ତରୀୟ ଅନ୍ୟ ଟୁର୍ନାମେଣ୍ଟ ମୁନିଗୁଡ଼ା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜନ ପାଇଁ ଉଦ୍ୟମ କରାଯିବ। ଏଥିପାଇଁ ଅବଶିଷ୍ଟ ଭିତ୍ତିଭୂମି କାମ ଶୀଘ୍ର ସାରିବାକୁ ଜିଲାପାଳ, ଜିଲା କ୍ରୀଡ଼ା ବିଭାଗ ଓ ବ୍ଲକ ପ୍ରଶାସନକୁ ଅନୁରୋଧ କରାଯାଇଛି।


ମୁନିଗୁଡ଼ା ବିକାଶ ପରିଷଦ, ପ୍ରେସ୍କ୍ଲବ ଓ କ୍ରିକେଟ ଆସୋସିଏଶନର କର୍ମକର୍ତ୍ତା ।

### ରାୟଗଡ଼ା ମହିଳା ମହାବିଦ୍ୟାଳୟର ୨ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ରାୟଗଡ଼ା ଅଫିସ, ୧୩।୧୨

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ରାୟଗଡ଼ା ମହାବିଦ୍ୟାଳୟର ଦୁଇ ଛାତ୍ରୀ ବିଦ୍ୟୁତପ୍ରଭା ତୁରୁକ ଏବଂ ନେହା ସୁନାନୀ ଆସାମର ଗୌହାଟୀ ସ୍ଥିତ ରୟାଲ ଗ୍ଲୋବାଲ ୟୁନିଭର୍ସିଟିରେ ଅୟୋଜିତ ଟେବୁଲ ଟେନିସ୍ ପ୍ରତିଯୋଗିତାରେ ଭାଗନେଇ ଫେରିଛନ୍ତି।ଉକ୍ତ ଡିସେମ୍ବର ୫ରୁ ୮ ପର୍ଯ୍ୟନ୍ତ ପ୍ରତିଯେଗିତା ହୋଇଥିଲା। ଛାତ୍ରୀ ଦ୍ୱୟ ଫେରିବା ପରେ କଲେଜର ଅଧ୍ୟକ୍ଷା ଅର୍ଚ୍ଚନା ପଟ୍ଟନାୟକ, କ୍ରୀଡ଼ା ସଂସଦର ଉପସଭାପତି ରଘୁନାଥ ଭୁଏ, ରମ୍ୟରଞ୍ଜନ ସାହୁ, କ୍ରୀଡ଼ା ଅଧ୍ୟାପିକା କ୍ୟାପଟେନ୍ ରୀତାରାଣୀ ମିଶ୍ର ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂସଦ ପରିଷଦ ପକ୍ଷରୁ ଆନ୍ତଃ ବିଶ୍ୱ ବିଦ୍ୟାଳୟ ଟେବୁଲ ଟେନିସ୍ ମହିଳା ଦଳ ଆସାମ ଯାଇଥିଲେ।



# ୫ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ


ବିଜ୍ଞାନମେଳା ଉଦ୍ଯାପନୀ ସଭାରେ ମଞ୍ଚାସୀନ ଅତିଥି।

**ବ୍ଲକସ୍ତରୀୟ ବିଜ୍ଞାନମେଳା**

ପାପଡ଼ାହାଣ୍ଡି,୧୩।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଶିରିଶି ପଞ୍ଚାୟତ ସଦର ମହକୁମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଶିରିଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମକୃଷ୍ଣ ପ୍ରାଧନୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଇଓ ପ୍ରଦୀପ କୁମାର ନାଗ, ତହସିଲଦାର ଯୋଗେଶ୍ୱର ଭୋଇ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ। ଏହି ବିଜ୍ଞାନମେଳାରେ ବ୍ଲକର ୯୫ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗନେଇ ୯୫ଟି ପ୍ରକଳ୍ପ ପ୍ରଦର୍ଶିତ କରାଇଥିଲେ। କୋଷାଗୁମୁଡ଼ା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ନଳିନୀକାନ୍ତ ପାତ୍ର, ଏମ୍. କେଁରେଗା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ବିଚାରକଭାବେ ଯୋଗଦେଇ ୫ଟିଶ୍ରେଷ୍ଠ ପ୍ରକଳ୍ପକୁଜିଲାସ୍ତରୀୟ ବିଜ୍ଞାନମେଳା ନିମନ୍ତେ ଚୟନ କରିଥିଲେ। ମନୋଜ ହରିଜନ(ସରକାରୀ ଉଚ୍ଚ ବିଦ୍ୟାଳୟ କଣ୍ଟାମାଳ), ପଙ୍କଜ ନାୟକ(ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହିଲି), ସାଇ ନାୟକ (ସରକାରୀ ଉଚ୍ଚ ବିଦ୍ୟାଳୟ ଶିରିଶି), ଆଶୁତୋଷ ଜାନି (ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୋକିଆ), ୟାସମିନ ଗୋବର୍ଦ୍ଧନ(ଆଦର୍ଶ ବିଦ୍ୟାଳୟ, ପାପଡ଼ାହାଣ୍ଡି)ଙ୍କ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ପ୍ରଧାନ ଶିକ୍ଷକ ରାମକୃଷ୍ଣ ପ୍ରଧାନୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ଯାପନୀ ସଭାରେ ଡାବୁଗାଁ ବିଧାୟକ ମନୋହର ରାନ୍ଧରୀ ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଜିଲା ପରିଷଦ ସଭ୍ୟା ଡା. ଲିପିକା ମାଝି, ଶିରିଶି ସରପଞ୍ଚ ସୁମତି ମାଝି, ରଜନୀ ସାସମଲ, ବିଇଓ ବୀରେନ୍ଦ୍ର ପାଢ଼ୀ, ଏବିଇଓ ବାଳକ ଦାସ ରନ୍ଧାରୀ, ଏବିଇଓ ପୂର୍ଣ୍ଣଚନ୍ଦ୍ର ପୂଜାରୀ, ଚିତ୍ତରଞ୍ଜନ ପଟ୍ଟନାୟକ, ବିଦ୍ୟାଳୟ ସଭାପତି ଅଭିମନ୍ୟୁ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସୁଦାମ ସେଟ୍ଟୀ, ମନୋଜ ମାଝି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସଂଘ ସଭାପତି ସୁଦର୍ଶନ ମାଝି, ସମ୍ପାଦକ ରତିକାନ୍ତ ପଣ୍ଡାଙ୍କ ସହ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଚାକିରି ନିୟମିତ ଦାବିକଲେ ହିସାବ ରକ୍ଷକ, ଏମ୍ଆଇଏସ୍ ସଂଯୋଜକ

ଚନ୍ଦ୍ରପୁର,୧୩।୧୨(ଡି.ଏନ୍.ଏ.)

ପ୍ରାଥମିକ ଶିକ୍ଷାର ସର୍ବଜନୀନକରଣ ଏବଂ ଓଡ଼ିଶାର ୬ ରୁ ୧୪ ବର୍ଷର ଛାତ୍ରୀଛାତ୍ରଙ୍କୁ ଶିକ୍ଷା କ୍ଷେତ୍ରରେ ସର୍ବୋତ୍ତମ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର ୧୯୯୬ ରେ ଏକ ନୂତନ ଯୋଜନା ପ୍ରଣୟନ କରିଥିଲେ ଏବଂ କାର୍ଯ୍ୟକ୍ରମର ସୁଗମ ପରିଚାଳନା ପାଇଁ ସମାଜ ପଞ୍ଜୀକରଣ ଅଧିନିୟମ ୧୮୬୦ ଅନୁସାରେ ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓପେପା) ତଥା ଏବେକାର ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପଞ୍ଜୀକୃତ ହୋଇଛି। ଉକ୍ତ ବିଭାଗରେ ବ୍ଲକ ସ୍ତରରେ ସର୍ବଶିକ୍ଷା ଅଭିଯାନରେ ଚୁକ୍ତିଭିତ୍ତିରେ ସମସ୍ତ ୩୧୪ ଗୋଷ୍ଠୀସାଧନ କେନ୍ଦ୍ର ଏବଂ ରାଜ୍ୟର ୨ ସହର ସାଧନ କେନ୍ଦ୍ରରେ ଅର୍ଥ ବିଭାଗର ସମନ୍ୱୟ ଏବଂ ଗଣଶିକ୍ଷା ବିଭାଗର ଅନୁମୋଦନ ସହ ୨୦୧୧-୧୨ ରେ ଗୋଟିଏ ବ୍ଲକ ପିଛା ୩ ଜଣ ଲେଖାଏ ହିସାବ ରକ୍ଷକ ଓ ଜଣେ ଲେଖାଏ ଏମ୍ଆଇଏସ୍ ସଂଯୋଜକ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା । ଏବେ ସାରା ରାଜ୍ୟରେ ୮୦୬ ହିସାବ ରକ୍ଷକ ଓ ୨୮୦ ଏମ୍ଆଇଏସ୍ ସଂଯୋଜକ ବିଇଓଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଛନ୍ତି।

ସୂଚନାଯୋଗ୍ୟ, ୨୦୧୪ ଏପ୍ରିଲ ୧ରେ ଗଣଶିକ୍ଷା ବିଭାଗ ନୂତନ ଭାବରେ ଗଠିତ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ସମସ୍ତ ଗୋଷ୍ଠୀ ସାଧନ କେନ୍ଦ୍ର ଓ ସହର ସାଧନ କେନ୍ଦ୍ର କୁ ଅନ୍ତର୍ଭୁକ୍ତ କରାଗଲା କିନ୍ତୁ ଉପରୋକ୍ତ କର୍ମଚାରୀମାନଙ୍କୁ ନିୟମିତ କରାଯାଇନାହିଁ। ଫଳରେ କର୍ମଚାରୀମାନେ ସ୍ୱଳ୍ପ ବେତନ ପାଉଛନ୍ତି। ଚାକିରିରେ ୧୦ ବର୍ଷ ପରେ ମଧ୍ୟ ରାଜ୍ୟ ସରକାର ବ୍ଲକ ସ୍ତରର ଏହି କର୍ମଚାରୀଙ୍କ ଚାକିରି ନିୟମିତ କରିବା ଦୂର କଥା ଦରମା ମଧ୍ୟ ବୃଦ୍ଧି କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି।

ଏ ବିଷୟରେ ଜିଲାପାଳଙ୍କ ଠାରୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଗଣଶିକ୍ଷା ବିଭାଗ ସଚିବ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଉଚ୍ଚ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି। ହେଲେ ଏ ଦିଗରେ କୌଣସି ସୁଫଳ ମିଳି ନ ଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି। ୨୦୧୪ ରେ ବ୍ଲକ ସ୍ତରରେ କାର୍ଯ୍ୟରତ ହିସାବ ରକ୍ଷକ ଓ ଏମ୍ଆଇଏସ୍ ସଂଯୋଜକଙ୍କୁ ଷଷ୍ଠ ବେତନ ହାରରେ ଦରମା, ମହଙ୍ଗା ଭତ୍ତା, ଘରଭଡ଼ା ଏବଂ ଓପେପା ସେବା ନିୟମ ଅନୁସାରେ ଗ୍ରାଚ୍ୟୁଇଟି, ଅବସରକାଳୀନ ରାଶି ପ୍ରଦାନ ପାଇଁ ଅନୁମୋଦିତ ହୋଇଥିଲା। ହେଲେ ଏ ପର୍ଯ୍ୟନ୍ତ କର୍ମଚାରୀଙ୍କୁ ସେଥିରୁ ବଞ୍ଚିତ ରଖାଯାଇଛି। ରାଜ୍ୟ ସରକାର ବିଇଓ କାର୍ଯ୍ୟାଳୟରେ କାର୍ଯ୍ୟରତ ଉପରୋକ୍ତ କର୍ମଚାରୀଙ୍କ ଦରମା ଜିଲା ତଥା ରାଜ୍ୟ ସ୍ତରୀୟ କର୍ମଚାରୀଙ୍କ ସହ ସମାନତା ରଖି ବୃଦ୍ଧି କରିବା ସହ ଚାକିରି ନିୟମିତ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି। ନଚେତ ଆଗାମୀ ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନି ଦେଇଛନ୍ତି।

**ଓସେପା ଅଧୀନ ବିଇଓ ଅଫିସ କର୍ମଚାରୀଙ୍କ ପ୍ରତି ଅବହେଳା ଅଭିଯୋଗ**

# ୩ ତାଲାବନ୍ଦ ଘରୁ ଟଙ୍କା,ସୁନା ଚୋରି

ବ୍ରହ୍ମପୁର ଅଫିସ,୧୩।୧୨

ଦୁଇଟି ଥାନା ଇଲାକାରୁ ଲୁଟିଆ ଗ୍ୟାଙ୍ଗ ୩ଟି ତାଲାବନ୍ଦ ଘରୁ ସୁନା ଗହଣା, ଟଙ୍କା, ମୋଟର ପମ୍ପ ଆଦି ଚୋରି କରିଛନ୍ତି। ସଦର ଥାନା ଅନ୍ତର୍ଗତ ଲୋଚପଡ଼ା ବ୍ରଜନଗର ତୃତୀୟ ଲାଇନରେ ରହୁଥିବା ସୁରେଶ ଚନ୍ଦ୍ର ପଣ୍ଡା ଓ ତାଙ୍କ ଘରେ ଭଡାରେ ରହୁଥିବା ପ୍ରାଣବେଶ ପ୍ରଧାନଙ୍କ ତାଲାବନ୍ଦ ଘରୁ ଦୁର୍ବୃତ୍ତମାନେ କଳାକାନା ବୁଲାଇଛନ୍ତି। ସୁରେଶଙ୍କ ଘରୁ ୨୮ ଗ୍ରାମର ସୁନା ହାର, କାନଫୁଲ ଓ ମୁଦି ସହ ଦୁଇଟି ରୁପା ଟଙ୍କା, ଦୁଇ ହଳ ପାଉଁଜି ଏବଂ ୨୪ ହଜାର ଟଙ୍କା ଚୋରି ହୋଇଛି। ସେହିପରି ପ୍ରାଣବେଶଙ୍କ ଘରୁ ୫୨ ଗ୍ରାମର ସୁନା ଅଳଙ୍କାର, ରୁପା ଚୁଡ଼ି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି।

# ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା

ଉମରକୋଟ,୧୩।୧୨(ସ୍ୱ.ପ୍ର.)

ଉମରକୋଟ ସ୍ଥିତ ନୋଡାଲ ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉମରକୋଟ ବ୍ଲକସ୍ତରୀୟ ବିଜ୍ଞାନ ଗଣିତ ଓ ପରିବେଶ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଉଦ୍ଘାଟନି କାର୍ଯ୍ୟକ୍ରମରେ ବିଇଓ ହିମାଞ୍ଚଳ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାର ଉଦ୍ଘାଟନ କରିଥିଲେ। ଏଥିରେ ପ୍ରାୟ ୧୬୨ ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା।

ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍ପି ରମେଶ ଚନ୍ଦ୍ର ମାଝି, ସମ୍ମାନିତ ଅତିଥି ରୂପେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ବ୍ଲକ ଅଧ୍ୟକ୍ଷା, ପୌର ପରିଷଦର ଅଧ୍ୟକ୍ଷା ରାଧା ଭତ୍ରା, ମୁଖ୍ୟବକ୍ତା ରୂପେ ଯୁବ ବିଜ୍ଞାନୀ ରବିରଞ୍ଜନ ତ୍ରିପାଠୀ, ନୋଡାଲ ପ୍ରଧାନ ଶିକ୍ଷକ ରିଚପଲ ସାଗର, ଅସୀମ କୁମାର ବିଶ୍ୱାସ, ଆଶୋକ କୁମାର ସାହୁ ପ୍ରମୁଖ ଯୋଗଦେଇ ଶିଶୁ ବିଜ୍ଞାନୀଙ୍କୁ ପୁରସ୍କୃତ କରିଥିଲେ। ଏବିଇଓ ପୁରୁଷୋତ୍ତମ ମାଝି ମେଳାର ଆବାହକ ଥିବାବେଳେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଚଢ଼େଇଗୁଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସେଲୋମି ଗରଡା, ନୁଆଗୁଡ଼ାର ଖୁସି ସରକାର, ଉମରକୋଟ ଆଦର୍ଶ ବିଦ୍ୟାଳୟର ଶାଶ୍ୱତ ପଟ୍ଟନାୟକ, କାରାଗାଁ ବିଦ୍ୟାଳୟର ଅନୁଶ୍ରୀ ରାୟ, ନୋଡାଲ ବିଦ୍ୟାଳୟର ଶ୍ରୀୟା ଜେନା ଓ ନୁଆଗୁଡ଼ା ବିଦ୍ୟାଳୟର ଭଗ୍ୟଲକ୍ଷ୍ମୀ ସାହୁଙ୍କ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛି।


ବିଜ୍ଞାନମେଳା ଉଦ୍ଘାଟନି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଅବ୍ୟବସ୍ଥାରେ ମହାତ୍ମା ଗାନ୍ଧୀ ପ୍ରମୋଦ ଉଦ୍ୟାନ

ରାୟଗଡ଼ା ଅଫିସ,୧୩।୧୨



ମହାତ୍ମାଗାନ୍ଧୀ ପ୍ରମୋଦ ଉଦ୍ୟାନ ।


ଭଙ୍ଗାରୁଜା ଅବସ୍ଥାରେ ପିଲାଙ୍କ କ୍ରୀଡା ଉପକରଣ ।

- ବର୍ଷେ ହେଲା ଭଙ୍ଗାରୁଜା ଅବସ୍ଥାରେ କ୍ରୀଡ଼ା, ବ୍ୟାୟାମ ସାମଗ୍ରୀ
- ପିଲାଙ୍କ ଖେଳ ସାମଗ୍ରୀ, ଗାନ୍ଧୀ ପାର୍କରୁ ମୁହଁ ଫେରାଉ ଛନ୍ତି ଲୋକେ

ରାୟଗଡ଼ା ସହରରେ ଜେକେ କାଗଜକଳ ଏବଂ ପୌର ପରିଷଦ ପକ୍ଷରୁ ଅଞ୍ଚଳବାସୀ ଏବଂ ବିଶେଷକରି ଶିଶୁଙ୍କ ମନୋରଞ୍ଜନ ଉଦ୍ଦେଶ୍ୟରେ ୨୦୦୭ ରେ ମହାତ୍ମା ଗାନ୍ଧୀ ପ୍ରମୋଦ ଉଦ୍ୟାନ(ଗାନ୍ଧୀ ପାର୍କ) କରାଯାଇଥିଲା। ଏହା ସହରର ଏକ ପ୍ରମୁଖ ଉଦ୍ୟାନ ରୂପେ ପରିଚିତ। ହେଲେ ବର୍ଷେ ହେଲା ପାର୍କ ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ରହିଛି। ଏଠାରେ ଛୋଟ ପିଲାଙ୍କ ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତ ବର୍ଗର ଲୋକେ ଖୋଲା ପବନ ଖାଇବା ସହ କିଛି ସମୟ ବିତାଇ ଖୁସି ଅନୁଭବ କରିଥାନ୍ତି। ସେହିପରି ସକାଳ ଓ ସନ୍ଧ୍ୟା ଭ୍ରମଣ କରିବା ସହ ବ୍ୟାୟାମ ମଧ୍ୟ କରିଥାନ୍ତି। ଏହି ପାର୍କରେ ପିଲାଙ୍କ ଖେଳିବା ପାଇଁ ଦୋଳି, ସ୍ଲୋପ, ସ୍ଲାଇଡ୍, ଖେଳନା ଟ୍ରେନ୍ ରହିଛି। ସେହିପରି ବ୍ୟାୟାମ ଯନ୍ତ୍ରପାତି, ସବୁ ବର୍ଗର ଲୋକଙ୍କ ମନୋରଞ୍ଜନ ପାଇଁ ୱାଟର ପୁଲ୍ ସହ ବିଭିନ୍ନ କିସମର ଫୁଲ ଗଛ ଲାଗିଛି। ହେଲେ ବର୍ଷେ ହେଲା ପାର୍କରେ ଥିବା ଉକ୍ତ କ୍ରୀଡ଼ା ସାମଗ୍ରୀ, ବ୍ୟାୟାମ ଯନ୍ତ୍ରପାତି, ୱାଟର ପୁଲ୍ ଭାଙ୍ଗାରୁଜା ଏବଂ ଅଚଳାବସ୍ଥାରେ ରହିଛି। ପାର୍କକୁ ଯାଉଥିବା ଲୋକଙ୍କ ଠାରୁ ଫି ୫ ଟଙ୍କା ଆଦାୟ କରାଯାଉଛି। ଶିଶୁଙ୍କ ପାଇଁ ୩ ଟଙ୍କା ନିୟମ ରହିଥିଲେ ମଧ୍ୟ ୫ ଟଙ୍କା ଆଦାୟ ହେଉଛି। ହେଲେ ଦାୟିତ୍ୱରେ ଥିବା ପୌର ପରିଷଦ ପକ୍ଷରୁ ଏଗୁଡ଼ିକୁ ମରାମତି କିମ୍ବା ବଦଳ କରାଯାଉ ନ ଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ଯନ୍ତ୍ରପାତି ଓ କ୍ରୀଡ଼ା ଉପକରଣ ମରାମତି ଦୂର କଥା ଉଦ୍ୟାନରେ ରହିଥିବା ଶୌଚାଳୟ ଏବଂ ପାଇଖାନାର ସଫେଇ କରାଯାଉନାହିଁ। ସେହିପରି ଅନେକ ସମୟରେ ଶୌଚାଳୟରେ ପାଣି ରହୁ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେବା ସହ ଅପରିଷ୍କାର ଏବଂ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହା ବ୍ୟତୀତ ୱାଟର ପୁଲ୍ରେ ସୁନ୍ଦରତା ପାଇଁ କରାଯାଇଥିବା ଫାଉଣ୍ଟେନ ମଧ୍ୟ ଅଚଳ ରହିଛି। ପାର୍କ ପରିସରରେ ଅଳିଆ, ଆବର୍ଜନା ସଫା ହେଉ ନ ଥିବାରୁ ସଫା ନ ଥିବାରୁ ମଶାଙ୍କ ଉପଦ୍ରବ ମଧ୍ୟ ବଢ଼ୁଛି। ସହରର ଏକମାତ୍ର ଜିସିଡି ପଡ଼ିଆ ଠାରେ ଅସାମାଜିକ ବ୍ୟକ୍ତି ତଥା ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ମହିଳାମାନେ ସେଠାକୁ ପ୍ରାତଃ କିମ୍ବା ସନ୍ଧ୍ୟାଭ୍ରମଣରେ ଯିବା ପାଇଁ ସୁରକ୍ଷିତ ନ ମଣି ଗାନ୍ଧୀ ପାର୍କକୁ ଯାଉଛନ୍ତି।

ହେଲେ ପାର୍କରେ ଅବ୍ୟବସ୍ଥା ଯୋଗୁ ଲୋକେ ଖୋଲା ପରିବେଶରେ ବ୍ୟାୟାମ କରିପାରୁନାହାନ୍ତି। ତେଣୁ ପାର୍କ ପ୍ରତି ଧୀରେ ଧୀରେ ଲୋକେ ବିମୁଖ ହେଉଛନ୍ତି। ଶୀଘ୍ର ପାର୍କର ଯନ୍ତ୍ରପାତି ଏବଂ କ୍ରୀଡ଼ା ଉପକରଣ ମରାମତି କରିବା ସହ ପାର୍କ ପରିସରକୁ ସ୍ୱଚ୍ଛ ଓ ସୁନ୍ଦର କରାଯାଉ ବୋଲି ପାର୍କକୁ ବ୍ୟାୟାମ ପାଇଁ ଆସୁଥିବା ରାୟଗଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଶିଶୁରୋଗ ବିଶେଷଜ୍ଞ ଡାକ୍ତର ପି. ଭି. ରାମଣା କହିଛନ୍ତି। ଯନ୍ତ୍ରପାତି ମରାମତି କରାଯାଇଥିବା ଆଶା ରଖି ସେ ପ୍ରତ୍ୟେକ ଦିନ ଏଠାକୁ ଆସୁଥିବା ପ୍ରକାଶ କରିଛନ୍ତି। ସେହିପରି ଏଠାକୁ ଆସୁଥିବା ସହରର ବୈଜୟନ୍ତି ମାଳା ମିଶ୍ର ଏବଂ ଅବୀନା କହିଛନ୍ତି, ଗାନ୍ଧୀ ପାର୍କ ଏକ ପ୍ରମୁଖ ପାର୍କ ହୋଇଥିଲେ ମଧ୍ୟ ଅବହେଳିତ ଅବସ୍ଥାରେ ରହିଛି। ଶୀଘ୍ର ଖେଳ ଉପକରଣ ଏବଂ ଅନ୍ୟ ସମସ୍ୟାର ସମାଧାନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ପାର୍କର ଉନ୍ନତିକରଣ ହେଲେ ଅଧିକ ଲୋକ ଆସିବେ ଏବଂ ରାଜସ୍ୱ ବଢ଼ିବ ବୋଲି ମତପ୍ରକାଶ ପାଇଛି। ଅବ୍ୟବସ୍ଥା ବିଷୟରେ ଗାନ୍ଧୀ ପାର୍କର ସୁପରଭାଇଜର ଦାୟିତ୍ୱ ଥିବା ଚନ୍ଦ୍ରଶେଖର ରଥଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି, ସମସ୍ତ ପାର୍ଟ୍ସ ଏଠାରେ ମିଳୁ ନ ଥିବାରୁ ବାହାରୁ ମଗାଯାଇଛି। ସେଗୁଡ଼ିକ ଆସିଲେ ଶୀଘ୍ରୟ ଲଗାଯିବ। ଅନ୍ୟପକ୍ଷରେ ୱାଟର ପୁଲ୍ରେ ପାଣି ଆସିବା ପାଇଁ ଆବଶ୍ୟକ ମେସିନ ତାର ପଡ଼ିବ। ଅନ୍ୟ ସମସ୍ୟା ପ୍ରତି ମଧ୍ୟ ଦୃଷ୍ଟିଦେଇ ସମାଧାନ କରାଯିବ ବୋଲି ସେ କହିଛନ୍ତି। ତେବେ ପ୍ରତ୍ୟେକ ବର୍ଷ କେତେ ଅନୁଦାନ ଆସୁଛି ପଚାରିବାରୁ ତାଙ୍କ ନିକଟର ସୂଚନା ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ଏ ବିଷୟରେ ଜାଣିବା ପାଇଁ ପୌର ପରିଷଦ ନିର୍ବାହୀ ଅଧିକାରୀ ୟାଶିର୍ ବିଲାଲ ଅହମ୍ମଦଙ୍କୁ ଫୋନ୍ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ।

# ଏଣିକି ୧ ନମ୍ବର ପ୍ଲାଟଫର୍ମରେ ରହିବ ହୀରାଖଣ୍ଡ

- ୱାଲଟିୟର ଡିଭିଜନ ଡିଆର୍‌ଏମଙ୍କ ଗସ୍ତ
- ଜୟପୁର ଷ୍ଟେଶନର ହେବ ଗ୍ରେଡେଶନ
- ମାଲକାନଗିରି-ଜୟପୁର-ଜୁନାଗଡ଼ ରେଳପଥ କାର୍ଯ୍ୟ ତ୍ୱରାନ୍ୱିତ କରିବା

**ଜୟପୁର,୧୩।୧୨ (ନି.ପ୍ର.)**

ପୂର୍ବତଟ ରେଳବାଇର ୱାଲଟିୟର ଡିଭିଜନ ଡିଆର୍‌ଏମ ଅନୁପ ଶତପଥୀ ଜଗଦଲପୁରରୁ ବିଶାଖାପାଟଣା ଗସ୍ତ ସମୟରେ ଜୟପୁର ରେଳ ଷ୍ଟେସନରେ ସମୀକ୍ଷା କରିଛନ୍ତି। ଡିଆରଏମଙ୍କ ଗସ୍ତ ସୂଚନା ପାଇ ଜୟପୁରର ବିଭିନ୍ନ ଅନୁଷ୍ଠାନ ତାଙ୍କୁ ଦାବିପତ୍ର ଦେଇଛନ୍ତି। ଆଗାମୀ ଦିନରେ ଜୟପୁର ରେଳଷ୍ଟେସନର ଅପଗ୍ରେଡେସନ ହେବ। ୧ ନମ୍ବର ପ୍ଲାଟଫର୍ମରେ ହୀରାଖଣ୍ଡ ଲାଗିବ ବୋଲି ଏହି ଅବସରରେ ଶତପଥୀ ସୂଚନା ଦେଇଥିଲେ। ସିପିଆଇ ପକ୍ଷରୁ ମଧ ଏନେଇ ଦାବି କରାଯାଇଥିଲା। ୨ନଂ. ପ୍ଲାଟଫର୍ମରେ ହୀରାଖଣ୍ଡ ଲାଗୁଥିବାରୁ ଲୋକେ ହଇରାଣ ହେଉଛନ୍ତି ବୋଲି ସିପିଆଇ ପକ୍ଷରୁ ପୂର୍ବରୁ କୁହାଯାଇଥିଲା। ଜନ କଲ୍ୟାଣ ମଞ୍ଚ ତରଫରୁ ପ୍ରତ୍ୟହ ଭୁବନେଶ୍ୱରରୁ ବିଶାଖାପାଟଣା ଆସୁଥିବା ଟ୍ରେନ କୋରାପୁଟ ଯାଏ ଭାୟା ଆରକୁ ଦେଇ ସଂପ୍ରସାରଣ କଲେ ଅବିଭକ୍ତ କୋରାପୁଟ ବାସିନ୍ଦା ଉପକୃତ ହେବେ ବୋଲି ମଞ୍ଚର ରାଜେନ୍ଦ୍ର ଗୌଡ, ବାଲା ରାୟ ପ୍ରକାଶ କରିଥିଲେ। ସେହିପରି ସିପିଆଇ କୋରାପୁଟ ଜିଲା ପରିଷଦ ଏକ ଦାବିପତ୍ର ଡିଆରଏମ୍‌ଙ୍କୁ ଦେଇଛି। ଏଥିରେ ଜୟପୁର ରେଳ ଷ୍ଟେସନରେ ଥିବା ଫୁଟ ଓଭର ବ୍ରିଜର ଉଭୟ ପାର୍ଶରେ ଖସଡ଼ା ପଥ ଗ୍ଲାଇଡିଂ ସ୍ଲୋପ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହାଦ୍ୱାରା ଯାତ୍ରୀମାନେ ଟ୍ରଲି ବ୍ୟାଗ କିମ୍ବା ସୁଟକେସ ଧରି ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ସହଜରେ ଯାଇପାରିବେ। ହୁଇଲ ଚେୟାରରେ ବୟସ୍କ ଓ ରୋଗୀମାନଙ୍କୁ ମଧ ନେବା ସହଜ ହେବ ବୋଲି ସିପିଆଇ ପକ୍ଷରୁ କୁହାଯାଇଛି। ଦ୍ୱିତୀୟ ପ୍ଲାଟଫର୍ମର ରେଷ୍ଟସେଡ ପରିବର୍ଦ୍ଧିତ କରି ସେଠାରେ ଶୌଚାଳୟ ଓ ପିଇବା ପାଣି ବ୍ୟବସ୍ଥା କରିବା, ମାଲକାନଗିରି-ଜୟପୁର-ଜୁନାଗଡ଼ ରେଳପଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା, ଜଗଦଲପୁରରୁ ଦିଲ୍ଲୀ ଓ ମୁମ୍ବାଇ ମେଟ୍ରୋ ସିଟି ସହ ଟ୍ରେନ ସଂଯୋଗୀକରଣ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଡିଆରଏମ୍ ଶତପଥୀ ସମସ୍ତଙ୍କ ଦାବି ଶୁଣି ରେଳବାଇ ପକ୍ଷରୁ ଯେଉଁ ପଦକ୍ଷେପ ଗ୍ରହଣ କରାଯାଉଛି ତାହା ଅବଗତ କରାଇଥିଲେ। ଷ୍ଟେସନର ଉଭୟ ପାର୍ଶରେ ଲିଫ୍ଟ ବ୍ୟବସ୍ଥା କାର୍ଯ୍ୟକାରୀ କରିବା, ଏଲିଭେଟର୍ ସିଷ୍ଟମ କରିବା, ଲଗେଜ ବୁକିଙ୍ଗ ବ୍ୟବସ୍ଥା କରିବା ପାଇଁ ସେ ସ୍ଥାନୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦାବିପତ୍ର ପ୍ରଦାନ ବେଳେ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ଡିଆରଏମ୍ ଅନୁପ ଶତପଥୀ ଜୟପୁର ରେଳ ଷ୍ଟେଶନରେ ବୁଲି ସ୍ଥିତି ସମୀକ୍ଷା କରୁଛନ୍ତି।

## ସଂକ୍ଷେପରେ

### ଜିଲା ଛାତ୍ର କଂଗ୍ରେସର ଦସ୍ତଖତ ସଂଗ୍ରହ ଅଭିଯାନ



ମାଲକାନଗିରି,୧୩।୧୨(ଡି.ଏନ.ଏ.)- ମାଲକାନଗିରି ଜିଲା ଛାତ୍ର କଂଗ୍ରେସ ମାଲକାନଗିରି ମହାବିଦ୍ୟାଳୟରେ ବିଭିନ୍ନ ସମସ୍ୟା ନେଇ ଭାରତ ଯୋଡ ଅଭିଯାନରେ ଦସ୍ତଖତ ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସନ୍ତୋଷ ପଟ୍ଟନାୟକ ଏବଂ ଉପ ସଭାପତି ଅଶ୍ୱିନୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଛି। ଏଥିରେ ମାଲକାନଗିରି ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଦସ୍ତଖତ ସଂଗ୍ରହ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

### ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦାବି



ଜୟପୁର, ୧୩।୧୨(ନି.ପ୍ର.)-ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ନେଇ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଦାବି କରିଛନ୍ତି। ଏନେଇ ସେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନିକଟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ଗ୍ରହଣ କରି ପ୍ରଧାନ ଜୟପୁର ଗସ୍ତରେ ଆସିବେ ଏବଂ ଖୁବ ଶୀଘ୍ର ଦାବି ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଖବରଦାତା ସଂଘ ବାର୍ଷିକ ଉତ୍ସବ

ପାପଡ଼ାହାଣ୍ଡି, ୧୩।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଖବରଦାତା ସଂଘର ପ୍ରଥମ ବାର୍ଷିକ ଉତ୍ସବ ସ୍ଥାନୀୟ ମୃଗବିହାର ନିକଟରେ ସଂଘ ସଭାପତି ଏନ୍. ଜନାର୍ଦ୍ଦନ ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧ ମୋତିରାମ ନାୟକ, ବ୍ଲକ ଅଧକ୍ଷା ହେମଲତା ମାଝି, ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା, ଜିଲା ପରିଷଦ ଡା. ଲିପିକା ମାଝି, ଏଡିଏମ୍‌ଓ ଭାସ୍କର ରଇତ, ବିଡିଓ ରଞ୍ଜିତା ମଲ୍ଲିକ ପ୍ରମୁଖ ମଞ୍ଚାସୀ ଥିଲେ। ଡାଲିମ୍ବଦେବୀ ମହାବିଦ୍ୟାଳୟ ଛାତ୍ରୀମାନେ ସଂଗୀତ ପରିବେଷଣ କରିଥିଲେ। ଆଦର୍ଶ ବିଦ୍ୟାଳୟ ଛାତ୍ରୀ ମନପ୍ରୀତି କୌର ଦେଶଭକ୍ତି ସଂଗୀତ ଗାନ କରିଥିଲେ। ନିଜସ୍ୱ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଖବରଦାତାଙ୍କ ଘର ଲାଗି ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। ପୂର୍ବତନ ସରପଞ୍ଚ ବି. ଜଗନମୋହନ ରାଓ, ଡା. ଶାନ୍ତିସ୍ୱରୂପ ପଟ୍ଟନାୟକ, ପୂର୍ବତନ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁବାସ ମିଶ୍ର, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରକାଶ ମିଶ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ନାରାୟଣ ଗୁରୁ ଓ ଈଶ୍ୱର ପଟ୍ଟନାୟକ, ସବ୍ୟସାଚୀ ବିଷୋୟୀ, ବିରଞ୍ଚି ମାଝି,ସୋମନାଥ ବିଷୋୟୀ, ଚନ୍ଦନ ନାୟକଙ୍କୁ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ସୁଦାମ ସେଠୀ ମଞ୍ଚ ପରିଚାଳନା ଓ ଆଇନଜୀବୀ ସ୍ୱାଧୀନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଦଳେଇଗୁଡ଼ା ସେବାଶ୍ରମ, ପାପଡ଼ାହାଣ୍ଡି ଏସ୍‌ଏସ୍‌ଡି ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ଜଟାବାଲା ଏସ୍‌ଏସ୍‌ଡି ବିଦ୍ୟାଳୟ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଂଘ ପକ୍ଷରୁ ସେମାନଙ୍କୁ ମଧ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସ୍‌ଡିପିଓ ଆଦିତ୍ୟ ସେନ, ଥାନାଧିକାରୀ ରାମେଶ୍ୱର ପ୍ରଧାନ, ବିଇଓ ବୀରେନ୍ଦ୍ର ପାଢ଼ୀଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସଂଘର ସ୍ୱପ୍ନଜିତ ପଟ୍ଟନାୟକ, ନନ୍ଦକିଶୋର ବିଷୋୟୀ, ଗୌତମ ଅଗ୍ରୱାଲ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସିଦ୍ଧାର୍ଥ ଜୋଏଲ, ଗୁରୁପ୍ରସାଦ ପଣ୍ଡା, ଦୀପୁ ଦାସ, କିଶୋର ବିଷୋୟୀ, ସନ୍ତୋଷ ହରିଜନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ରାଜ୍ୟ ଉପଦେଷ୍ଟାଙ୍କ ମାଲକାନଗିରି ଗସ୍ତ, ସମୀକ୍ଷା


ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି ଡାକ୍ତରଖାନା ପରିସର ବୁଲି ଦେଖୁଛନ୍ତି।

**ମାଲକାନଗିରି, ୧୩।୧୨(ଡି.ଏନ.ଏ.)**

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ମଙ୍ଗଳବାର ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝି ଗସ୍ତ କରି ରୋଗୀ ସେବା ସମ୍ପର୍କରେ ସମୀକ୍ଷା କରିଛନ୍ତ। ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଠିକ ରୂପେ ମିଳୁଛି କି ନାହିଁ ସେନେଇ ମାଝି ଚିକିତ୍ସଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଥିବା ବିଭିନ୍ନ ସମସ୍ୟା କିପରି ସାମାଧାନ ହୋଇପାରିବ ସେନେଇ ସେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଫୁଲ୍ଲ ନନ୍ଦ, ଡ ଅନିଲ ମିଶ୍ର, ଡ ସପନ ଡିଣ୍ଡା, ଜିଲା ଚିକିତ୍ସାଳୟ ମ୍ୟାନେଜର ରାଜେଶ ପଣ୍ଡିତ, ଆଇନଜୀବୀ ରାମ ପ୍ରସାଦ ପଟ୍ଟନାୟକଙ୍କ ସହ ଅନ୍ୟ ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ୫୪ତମ ଆନ୍ତଃମହାବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା

## ବିଜୟୀ ଖେଳାଳିଙ୍କୁ ଭବ୍ୟ ସମ୍ବର୍ଦ୍ଧନା

**ସେମିଳିଗୁଡା/ସୁନାବେଡା, ୧୩।୧୨ (ସ୍ୱ.ପ୍ର.)**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟଠାରେ ହୋଇଥିବା ୫୪ତମ ଅନ୍ତଃମହାବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ସେମିଳିଗୁଡା ମହାବିଦ୍ୟାଳୟ କୃତିତ୍ୱ ହାସଲ କରିଛି। କୃତୀ ଖେଳାଳିମାନଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧିତ କରିବା ଲାଗି ମହାବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା କୋରାପୁଟ ବିଧାୟକ ରଘୁ ରାମ ପଡ଼ାଲ, ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ. ପ୍ରଦୀପ ବେହେରା ଯୋଗ ଦେଇଥିଲେ। ଅଧକ୍ଷ ନିଳାଞ୍ଚଳ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। କ୍ରୀଡା ଶିକ୍ଷକ ହରପ୍ରସାଦ ପତି, ଉପଦେଷ୍ଟା ଡ଼ ଅଲେଖ ପଣ୍ଡା, ବିଜୟ ପାଙ୍ଗି ଓ ପ୍ରଭାତ ବେହେରା ପରିଚାଳନା କରିଥିଲେ। ଅଧକ୍ଷ ଆଚାର୍ଯ୍ୟ ବିଜୟୀ ଖେଳାଳିମାନଙ୍କ ଟିୟୁସନ ଫି' ଛାଡ଼ ମହାବିଦ୍ୟାଳୟ ପକ୍ଷରୁ କରାଯିବ ବୋଲି ଘୋଷଣା କରିଥିଲେ। ଏହି ଅବସରରେ କ୍ରୀଡା ଶିକ୍ଷକ ପତିଙ୍କ ନେତୃତ୍ୱରେ ବିଜୟୀ ଛାତ୍ରୀଛାତ୍ରଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସୂଚନାଯୋଗ୍ୟ, ଚଳିତମାସ ୬ ଏବଂ ୭ ଦୁଇଦିନ ଧରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟଠାରେ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ଏଥିରେ ସେମିଳିଗୁଡା ମହା ବିଦ୍ୟାଳୟ ଉଭୟ ମହିଳା ଓ ପୁରୁଷ ବିଭାଗରେ ଦଳଗତ ଚାମ୍ପିୟନ ହୋଇଥିଲା। ସମାରି ହଞ୍ଜରିଆ ମହିଳା ବିଭାଗରେ ଜାଭଲିନ ଥ୍ରୋ, ଡିସକସ ଥ୍ରୋ ଓ ହାଇଜମ୍ପରେ ପ୍ରଥମ ସ୍ଥାନ ଅଧିକାର କରି ମହାବିଦ୍ୟାଳୟ ଓ କୋରାପୁଟ ଜିଲା ପାଇଁ ଗୌରବ ଆଣିଛନ୍ତି। ମୁଖ୍ୟଅତିଥି ପଡାଲ ବିଜୟୀ ଛାତ୍ରୀଛାତ୍ରଙ୍କୁ ୫ ହଜାର ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରି ଉକ୍ତ ଅଞ୍ଚଳର କ୍ରୀଡାର ଅଭିବୃଦ୍ଧି ପାଇଁ ଭିତ୍ତିଭୂମିର ବିକାଶ ଲାଗି ପ୍ରତିଶ୍ରୁତି ଦେଇଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ଼ ରମା ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ କୃତୀ ଖେଳାଳି ।

# ଖରିଫ ଧାନ ସଂଗ୍ରହ ନେଇ ସଚେତନ କରିବ କୃଷକ ସଚେତନତା ରଥ

**କୋରାପୁଟ,୧୩।୧୨(ସ୍ୱ.ପ୍ର.)**

କୋରାପୁଟ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୨ଟି କୃଷକ ସଚେତନତା ରଥର ଶୁଭାରମ୍ଭ ହୋଇଛି । କୋରାପୁଟ ସବଡିଭିଜନରେ ଥିବା ୯ଟି ବ୍ଲକ ଅଞ୍ଚଳରେ କୃଷକମାନଙ୍କୁ ଖରିଫ (୨୦୨୨-୨୩) ଧାନ ସଂଗ୍ରହ ନେଇ ଏହି ସଚେତନ କରିବ। ଭାରପ୍ରାପ୍ତ ଉପଜିଲାପାଳ ତଥା ବିଡିଓ ନରେନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ୨ଟି କୃଷକ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ରଥ ୨ଟି ୩ ଦିନ ଧରି ଜିଲାର କୋରାପୁଟ ସବଡିଭିଜନରେ ଚାଷୀମାନଙ୍କୁ ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା ୨୭ଟି ଧାନମଣ୍ଡି



ସମ୍ପର୍କରେ ସଚେତନ କରିବ। ସେମାନଙ୍କ ଉତ୍ପାଦିତ ଧାନ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୨୦୪୦ ଟଙ୍କା, ଏଫଏକ୍ୟୁ ଧାନ କୁଇଣ୍ଟାଲ ପ୍ରତି ୨୦୬୦ ଟଙ୍କାରେ ମଣ୍ଡିରେ ବିକ୍ରି କରିବାକୁ ସଚେତନ କରାଇବ। ସୂଚନାଯୋଗ୍ୟ, ଖରିଫ ଧାନ ସଂଗ୍ରହ ନେଇ ଡିସେମ୍ବର ୧୫ରୁ ଜିଲାରେ ୧୦୪ଟି ମଣ୍ଡି ଖୋଲାଯିବ। ଚଳିତ ଖରିଫ ଋତୁରେ ୧୪ ଲକ୍ଷ ୭୬ ହଜାର ୪୦୦ କୁଇଣ୍ଟାଲ ଧାନ ସଂଗ୍ରହ ନେଇ ଲକ୍ଷ୍ୟ ରଖାଯାଇଛି । ପ୍ରତି ମଣ୍ଡିରୁ ୩ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ହେବ। କାର୍ଯ୍ୟକ୍ରମରେ ସହକାରୀ ଯୋଗାଣ ଅଧିକାରୀ ଶମ୍ଭୁନାଥ ହରିପାଳ, କୋରାପୁଟ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅରୁଣ ଜେନା,ଆରଏମସିର କୈଳାସ ଚନ୍ଦ୍ର ସାହୁ , ବିନୋଦ ପଟ୍ଟନାୟକ, ପ୍ରଫୁଲ୍ଲ ଦେବତା, ସତ୍ୟ ନାରାୟଣ ମହାପାତ୍ର, ରମାକାନ୍ତକଂସାରି ପ୍ରମୁଖ ଉପସ୍ଥିତ ଥିଲେ ।

# ସୁପରକିଙ୍ଗ, କାଳିମେଳା ବିଜୟୀ



ଉଭୟ ଦଳର ମ୍ୟାନ ଅଫ୍ ଦି ମ୍ୟାଚ ଘୋଷିତ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

**ମାଲକାନଗିରି, ୧୩।୧୨(ଡି.ଏନ.ଏ.)**

## ଏମ୍‌ପିଏଲ୍‌ର ତୃତୀୟ ଦିବସ

ମାଲକାନଗିରି ଜିଲାରେ କ୍ରିଡାର ବିକାଶ ଲାଗି ଆରମ୍ଭ ହୋଇଥିବା ଏମ୍‌ପିଏଲ୍ କ୍ରିକେଟ ଲିଗର ମଙ୍ଗଳବାର ଥିଲା ତୃତୀୟ ଦିବସ। ଏହି ଅବସରରେ ପ୍ରଥମ ମ୍ୟାଚ ମାଥିଲି ପାୱାର ହିଟର ସହ ସୁପରକିଙ୍ଗ ଉତ୍ତମ ମଲ୍ଲିକ ୩୬୯ ମଧ୍ୟରେ ମୁକାବିଲା ହୋଇଥିଲା। ସୁପରକିଙ୍ଗ ପ୍ରଥମେ ବ୍ୟାଟିଂ କରି ୧୭୧ ରନ ସଂଗ୍ରହ କରିଥିବା ବେଳେ ମାଥିଲି ପାୱାର ହିଟର ଟିମ୍ ୨୦ ଓଭରରେ ୧୩୭ ରନ ସଂଗ୍ରହ କରିଥିଲା। ପ୍ରଥମ ମ୍ୟାଚରେ ସୁପରକିଙ୍ଗ ଉତ୍ତମ ମଲ୍ଲିକ ୩୬୯ ବିଜୟୀ ହୋଇ ଦଳର ରୋହିତ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ପଡ଼ିଆ ସୁପରକିଙ୍ଗ ଓ କାଳିମେଳା ବୁଲସ ଇଲେଭେନ ମଧ୍ୟରେ ହୋଇଥିଲା। ଏଥିରେ କାଳିମେଳା ବୁଲସ ଇଲେଭେନ ପ୍ରଥମେ ବ୍ୟାଟିଂ କରି ୧୬୧ ରନ ସଂଗ୍ରହ କରିଥିଲା। ପଡ଼ିଆ ସୁପର କିଙ୍ଗ୍ ଦଳ ୧୪୫ ରନ କରିଥିଲା। ଫଳରେ କାଳିମେଳା ବୁଲସ ଇଲେଭେନ ବିଜୟୀ ହୋଥଇଥିଲା। ଦଳର ଆର. ସଦା ଚରଣ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉଭୟ ଦଳର ମ୍ୟାନ ଅଫ ଦି ମ୍ୟାଚ ଖେଳାଳିଙ୍କୁ ଏଲଆଇସି ପକ୍ଷରୁ ଉତ୍ତମ କୁମାର ସାନା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା।

# ନିଖୋଜ ଯୁବକଙ୍କ ମୃତଦେହ ଜଙ୍ଗଲରୁ ଜବତ

## ହତ୍ୟା ଅଭିଯୋଗ ଆଣିଲେ ପରିବାର

**କୋରାପୁଟ,୧୩।୧୨(ସ୍ୱ.ପ୍ର.)**

କୋରାପୁଟ ପୌରାଞ୍ଚଳ ମିଶନ କମ୍ପାଉଣ୍ଡ ଅଞ୍ଚଳର ଜଣେ ନିଖୋଜ ଯୁବକଙ୍କ ମୃତଦେହ ମଙ୍ଗଳବାର ଜୟପୁର ରାସ୍ତାର ଘାଟିରୁ ସଦର ପୋଲିସ ଜବତ କରିଥିବା ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଉତ୍କଳ କେଶରୀ ଦାସ କହିଛନ୍ତି। ତାଙ୍କ ନାମ ଅଭିଷେକ ମାଝି ବୋଲି ଜଣାପଡିଛି। ମୃତଦେହ ନିକଟରୁ ତାଙ୍କର ଏକ ବାଇକ ଓ ମୋବାଇଲ ପୋଲିସ ଜବତ କରିଥିବା ଜଣାପଡିଛି । ମଙ୍ଗଳବାର ଅଭିଷେକଙ୍କ ଭଉଣୀଙ୍କ ବିବାହ ଚାଲିଥିବାବେଳେ ତାଙ୍କ ମୃତଦେହ ମିଳିବା ପରିବାର ପାଇଁ ଅଭୁଲା ଦୁଃଖ ଆଣିଦେଇଛି। ଖବରରୁ ଜଣାପଡିଛି, ଗତ ୯ ତାରିଖରେ ଅଭିଷେକ ନିଖୋଜ ଥିବା ପରିବାର ଲୋକେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ତାଙ୍କୁ ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ମଙ୍ଗଳବାର ସକାଳେ ଅଭିଷେକଙ୍କ ମୃତଦେହ ଜୟପୁର ଘାଟିର ଏକ ଜଙ୍ଗଲରୁ ମିଳିଥିବା ପୋଲିସ ପରିବାର ଲୋକଙ୍କୁ ଜଣାଇ ଦେଇଥିଲା । କୋରାପୁଟ ଅତିରିକ୍ତ ଏସପି ଉତ୍କଳ କେଶରୀ ଦାସ, ଏସଡିପିଓ ମନୋଜ ପୂଜାରୀ, ସଦର ଥାନା ଅଧିକାରୀ କିରଣବାଳା ସାମଲ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ମେଡିକାଲ ପଠାଇ ଏହାର ତଦନ୍ତ ଆରମ୍ଭ କରିଥିଲେ । ଖବରପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚିବା ସହ ସହ ଅଭିଷେକଙ୍କୁ କେହି ହତ୍ୟା କରି ସେଠାରେ ପକାଇଥିବା ଅଭିଯୋଗ କରିଥିଲେ। ଏନେଇ ସେମାନେ ଥାନାରେ ଏତଲା ଦେବା ପରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।


ଅଭିଷେକ

# ମୋବାଇଲ ଚୋରି ଅଭିଯୋଗରେ ଜଣେ ଗିରଫ

**ଜୟପୁର, ୧୩।୧୨(ନି.ପ୍ର.)**

ମୋବାଇଲ ଚୋରି ଅଭିଯୋଗରେ ଟାଉନଥାନା ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଜୟପୁର ଗୋପବନ୍ଧୁ ନଗରର ରବିନ୍ଦ୍ର ବାଘ । ଜୟପୁର ବିକ୍ରମ ଦେବ କଲେଜର ହଷ୍ଟେଲରୁ ମୋବାଇଲ ଚୋରି ହୋଇଥିବା ନେଇ ନିକଟରେ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତରୁ ରବିନ୍ଦ୍ର ସମ୍ପୃକ୍ତ ଥିବା ଜାଣି ପାରି ତାଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ୭ଟି ମୋବାଇଲ ଜବତ ହୋଇଛି। ଗିରଫ ପରେ ରବିନ୍ଦ୍ରଙ୍କୁ କୋର୍ଟଚାଲାଣ କରାଯାଇଛି ।

# ଜଳିଗଲା ଟ୍ରାନ୍ସଫର୍ମର

**ଜୟପୁର, ୧୩।୧୨(ନି.ପ୍ର.)**

ଜୟପୁର ଏମଜି ରୋଡ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ନିକଟରେ ଥିବା ଟ୍ରାନ୍ସଫର୍ମର ମଙ୍ଗଳବାର ପୋଡି ଯାଇଛି । ସେଠାରେ ତୁରନ୍ତ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଫଳରେ ବଡଧରଣର ଦୁର୍ଘଟଣାକୁ ଏଡାଇ ଦେଇ ହୋଇଥିଲା। ଟ୍ରାନ୍ସଫର୍ମରରୁ ତେଲ ଲିକ ହୋଇ ଏପରି ଘଟଣା ଘଟିଥିବା ଜଣାପଡିଛି ।



# ଦ୍ୱିଦିବସୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ମାଲକାନଗିରି,୧୩।୧୨(ଡି.ଏନ.ଏ.)**

ମାଲକାନଗିରି ଜିଲା କାଳିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି-୮୮ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖେଳ ପଡିଆରେ ୨ ଦିନିଆ ଖେଳ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ବାଡୋଇ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ପ୍ରଶାନ୍ତ ସରଦାର ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିନ୍ତା ହରଣ ମଧୁ, ବ୍ଲକ ଶିକ୍ଷକ ସଂଘ ସଭାପତି ପ୍ରଦୀପ ତପାଲି, ଡକ୍ଟର ଆମ୍ବେଡ଼କର ହାଇସ୍କୁଲର ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ପଣ୍ଡା, ସିଆରସିସି ଦୀପଙ୍କର ବିଶ୍ୱାସ, ଗ୍ରାମ ଶିକ୍ଷା କମିଟି ସଦସ୍ୟ ବିଧିପଦ ବିଶ୍ୱାସ, ନୃସିଂହ ପାଇକରାୟ, ବିଧିରଞ୍ଜନ ସରକାର, ସରପଞ୍ଚ ଦୁର୍ଗା ସୋଡି, ସଚିନ୍ କୃଷ୍ଣ ସାନା, ତପନ ବାଇନ୍, ଅଭିଷେକ ମଣ୍ଡଳ, ତାରାପଦ ମିସ୍ତ୍ରି ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ଦକ୍ଷତାସମ୍ପନ୍ନ ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶ ଦିଗରେ ଅତିଥିମାନେ ଉତ୍ସାହିତ କରିଥିଲେ। ପରେ କ୍ରୀଡା ମଶାଲ ଜାଳି ଅତିଥିମାନେ କ୍ରୀଡାକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।


ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ବ୍ଲକସ୍ତରୀୟ ବିଜ୍ଞାନମେଳା

**ଜୟପୁର, ୧୩।୧୨ (ନି.ପ୍ର.)-**

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଇଓ ଶ୍ରୀକାନ୍ତ ଜାନି ଓ ବିଡିଓ ରାଜୀବ ଦାସ ଏହାର ଉଦ୍‌ଘାଟନ କରିଥିଲେ। ମେଳାରେ ୬୮ଟି ବିଦ୍ୟାଳୟର ୧୬୮ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରୁ ୭ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ଅର୍ପଣ୍ୟେମ ପଣ୍ଡା, ସୁନିଲ ନାୟକ, ଡୋମୁ ମୁଦୁଲି, ସଞ୍ଜନା ପାଢୀ, ଆଶିଷ ବେହେରା, ସଞ୍ଜୁକ୍ତା ମହାନ୍ତି, ସୁମିତ ଦାସ ଚୟନ ହୋଇଛନ୍ତି। ଉଦଯାପନୀ ଅବସରରେ ବିଇଓ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ମୁଖ୍ୟବକ୍ତା ଶିକ୍ଷାବିତ ସୁରେନ୍ଦ୍ର ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଏଡିଇଓ ଅପ୍ରିତା ପ୍ରଧାନ, ବୋରିଗୁମ୍ମା ବିଇଓ ସଚିନ ମଲ୍ଲିକ, ପ୍ରଧାନ ଶିକ୍ଷକ ସୀମାଞ୍ଚଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଭାବିତ ହେଉଛନ୍ତି ଶିଶୁ, ମହିଳା

## ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନ

**ମାଥିଲି,୧୩।୧୨(ଡି.ଏନ.ଏ.)**

ବିଭିନ୍ନ ଦାବି ପୂରଣ ନେଇ ଅଙ୍ଗନୱାଡ଼ି କର୍ମୀମାନେ ଦୀର୍ଘ ୨୧ ଦିନ ହେଲା ଆନ୍ଦୋଳନ ଚଳାଇଛନ୍ତି। ଏଥିଯୋଗୁ ସମସ୍ତ ଅଙ୍ଗନୱାଡି କେନ୍ଦ୍ରଗୁଡିକ ବନ୍ଦ ରହିଛି। ଫଳରେ ପୁଷ୍ଟିକର ଖାଦ୍ୟ ଓ ଅଣ୍ଡା ପାଇବାରେ ଶିଶୁମାନେ ଅବହେଳିତ ହେଉଛନ୍ତି। ସେମାନେ ପ୍ରାକ୍ ଶିକ୍ଷାଲାଭରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଏହି କର୍ମୀମାନେ ନିଜ ଅଞ୍ଚଳର ଶିଶୁଜନ୍ମରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ନିଜକୁ ସାମିଲ କରି ଆସିଛନ୍ତି। କରୋନା ସମୟରେ ସରକାର ଅଙ୍ଗନୱାଡି କର୍ମୀଙ୍କୁ ଆଗଧାଡିରେ ଯୋଦ୍ଧା ଘୋଷଣା କରିଛନ୍ତି। ଏହା ସତ୍ତ୍ୱେ ସେମାନଙ୍କ ଦାବି କେହି ଶୁଣୁନାହାନ୍ତି। ବ୍ଲକର ମହିଳା ଓ ଶିଶୁ ସମନ୍ୱୟ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘଦିନ ହେଲା ସେମାନେ ଧାରଣାରେ ବସିଛନ୍ତି। ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନ ଯୋଗୁ ମାଲକାନଗିରି ଜିଲା ମାଥିଲି ବ୍ଲକର ଭଣ୍ଡାରୀପାଙ୍ଗାମ, ଭେଜାଗୁଡା, କତାପାଲ୍ଲି, ନାୟକଗୁଡା, ପାଙ୍ଗାମ, ଚାଉଲମେନ୍ଦି, ମେଙ୍କା ଓ ଚେଡେଙ୍ଗା ପରି ୮ଟି ପଞ୍ଚାୟତର ୭୪ ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପଡିଛି। ଗର୍ଭବତୀ ମା, ପ୍ରସୁତିଙ୍କ ସମେତ ଶତାଧିକ କୋମଳମତି ଶିଶୁ ପ୍ରାକ ଶିକ୍ଷା ଓ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ହୋଇଛନ୍ତି। ବ୍ଲକରେ ୨୧୫ଟି ଅଙ୍ଗନୱାଡି କେନ୍ଦ୍ର ରହିଥିବା ବେଳେ ସେଥିରୁ ୩୯ଟି ମିନି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ୧୦୯୨୧ ଜଣ କୋମଳମତି ଶିଶୁଙ୍କୁ ପ୍ରାକ ଶିକ୍ଷା ଓ ପୁଷ୍ଟିକର ଖାଦ୍ୟ ଯୋଗାଣ ହେଉଛି। ସେହିପରି ୧୧୬୯ ଜଣ ଗର୍ଭବତୀ ମହିଳା ଥିବା ବେଳେ ୧୦୨୩ ଜଣ ପ୍ରସୂତି ମହିଳାଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ମାଥିଲି ସିଡିପିଓ ମିନତି ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲା ପ୍ରଶାସନ ନିର୍ଦ୍ଦେଶରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଦାୟିତ୍ୱ ଦେଇ ଅଙ୍ଗନୱାଡି କେନ୍ଦ୍ରରେ ଗର୍ଭବତୀ, ପ୍ରସୂତି ମହିଳା ଓ ଶିଶୁମାନଙ୍କୁ ରନ୍ଧା ଖାଦ୍ୟ ବଦଳରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି। ଅନ୍ୟ ପକ୍ଷରେ ଅଲ ଓଡିଶା ଲେଡିଜ ୱାର୍କର ଅସୋସଏଶନର ବ୍ଲକ ସଭାନେତ୍ରୀ ଲଛମା ନାଲି କହିଛନ୍ତି, କୌଣସି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଖାଦ୍ୟ ବଣ୍ଟନ କରୁ ନାହାନ୍ତି। ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ ଅଙ୍ଗନୱାଡି କର୍ମୀଙ୍କୁ ଆନ୍ଦୋଳନରୁ ନିବୃତ୍ତ କରିବା ଲାଗି ସାଧାରଣରେ ମତ ପ୍ରକାଶ ପାଉଛି।

